ବର୍ଷ-୨୪, ସଂଖ୍ୟା-୩୦୦
ଭୁବନେଶ୍ୱର
୦୪ ଡିସେମ୍ବର, ୨୦୨୪ ବୁଧବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 300
Bhubaneswar
04 December, 2024 Wednesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com
Mahabharat

ବିବାହ କରିବେ ସିନ୍ଧୁ



# ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପ୍ରତିମୂର୍ତ୍ତି ଲୋକାର୍ପଣ କଲେ ରାଷ୍ଟ୍ରପତି







**ଭୁବନେଶ୍ୱର,୩।୧୨(ମହାଭାରତ):** ୫ ଦିନିଆ ଓଡ଼ିଶା ଗସ୍ତରେ ଭୁବନେଶ୍ୱରରେ ପହଞ୍ଚିଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ପ୍ରଥମ ଦିନରେ ରାଜଧାନୀ ଭୁବନେଶ୍ୱରେ ମହାମହୀମ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପ୍ରତିମୂର୍ତ୍ତି ଲୋକାର୍ପିତ କରିଛନ୍ତି। ଆସନ୍ତାକାଲି ସେ ଶ୍ରୀକ୍ଷେତ୍ର ମହାପ୍ରଭୁଙ୍କ ଦର୍ଶନ କରି ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ।

ଆଜି ଅପରାହ୍ନରେ ନିର୍ଦ୍ଧାରିତ ସମୟ ପୂର୍ବରୁ ବାୟୁସେନାର ସ୍ୱତନ୍ତ୍ର ବିମାନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନବନ୍ଦରରେ ପହଞ୍ଚିଥିଲେ। ବିମାନବନ୍ଦରରେ ରାଜ୍ୟପାଳ ରଘୁବର ଦାସ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଭୁବନେଶ୍ୱର ମେୟର ସୁଲୋଚନା ଦାସ ସ୍ୱାଗତ କରିଥିଲେ।

ପରେ ମହାମହୀମ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଚନ୍ଦ୍ରଶେଖରପୁର ସ୍ଥିତ ନୀଳାଦ୍ରି ବିହାର ଯାଇଥିଲେ। ସେଠାରେ ପ୍ରେସିଡେଣ୍ଟ ମୁର୍ମୁଙ୍କୁ ସ୍ୱାଗତ କରିଥିଲେ ନିଜ ସମ୍ପ୍ରଦାୟର ବୁଦ୍ଧିଜୀବୀ। ତାପରେ ରାଷ୍ଟ୍ରପତି 'ଜାହିରା' ପୀଠରେ ପୂଜାର୍ଚ୍ଚନା କରିଥିଲେ। ପରେ ରାଜ୍ୟପାଳ ରଘୁବର ଦାସ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ପୂଜା କରିଥିଲେ। ପୂଜାର୍ଚ୍ଚନା ପରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତି ଲୋକାର୍ପଣ କରିଥିଲେ। ପ୍ରତିମୂର୍ତ୍ତି ଲୋକାର୍ପଣ ସମୟରେ ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରମୁଖ ଉପସ୍ଥିତ ଥିଲେ। ତା' ପରେ ରାଷ୍ଟ୍ରପତି ନିକଟସ୍ଥ ପାର୍କ ବୁଲି ଦେଖିଥିଲେ। ଆଉ ସ୍ଥାନୀୟ ବୁଦ୍ଧିଜୀବୀଙ୍କ ସହିତ କଥା ହୋଇଥିଲେ। ପ୍ରତିମୂର୍ତ୍ତି ଲୋକାର୍ପଣ ପରେ ରାଷ୍ଟ୍ରପତି ରାଜ ଭବନ ଅଭିମୁଖେ ଫେରିଛନ୍ତି।ଆଜି ରାତିରେ ରାଷ୍ଟ୍ରପତି ରାଜ ଭବନରେ ରହିବେ।

## ଆଜି ପୁରୀ ଗସ୍ତ

ଆସନ୍ତାକାଲି ପୁରୀ ଅଭିମୁଖେ ଯାତ୍ରା କରିବାର କାର୍ଯ୍ୟକ୍ରମ ରହିଛି। ପୁରୀ ଶ୍ରୀଜଗନ୍ନାଥ ମନ୍ଦିରରେ ଦର୍ଶନ ଓ ପୂଜାର୍ଚ୍ଚନା କରିବେ। ପୁରୀ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ୭୫ତମ ବାର୍ଷିକ ଉତ୍ସବରେ ମଧ୍ୟ ସେ ଯୋଗଦେବେ। ସେହିଦିନ ସେ ପୁରୀ ବ୍ଲୁ ଫ୍ଲାଗ ବେଳାଭୂମିରେ ନୌସେନା ଦିବସ ସମାରୋହ ଓ ସମର କୌଶଳ ପ୍ରଦର୍ଶନରେ ଯୋଗଦେବେ। ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ କାରକେଡ ରିହର୍ସାଲ କରାଯାଇଛି। ପ୍ରବଳ ଭିଡ ହେବାକୁ ଥିବାରୁ ଟ୍ରାଫିକ ନିୟନ୍ତ୍ରଣ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଭୁବନେଶ୍ୱରରୁ ଆସୁଥିବା ୪ ଚକିଆ ଯାନ ଗୁଡ଼ିକ ମାଳତିପାଟପୁରଠାରୁ ଗ୍ରୀଡ ଷ୍ଟେସନ ଦେଇ ତାଳବଣିଆ ଯିବେ। ଦୁଇ ଚକିଆଯାନ ଗୁଡ଼ିକ ବାଟଗାଁରୁ ମଙ୍ଗଳାହାଟ ବାଇପାସ ଦେଇ ଷ୍ଟର୍ଲିଂ ଯାଏ ଯିବେ ।

କୋଣାର୍କ ପଟୁ ଆସୁଥିବା ଯାତ୍ରୀ ତାଳବଣିଆରେ ଗାଡ଼ି ପାର୍କିଂ କରିପାରିବେ। ବ୍ରହ୍ମଗିରି ପଟୁ ଆସୁଥିବା ଦର୍ଶକ ଷ୍ଟର୍ଲିଂ ନିକଟରେ ଗାଡ଼ି ରଖିପାରିବେ। ଅରେଞ୍ଜ ପାସଧାରୀଙ୍କ ପାଇଁ ଜେଲ୍ ରୋଡ୍ ଓ ଶରଧାବାଲିରେ ପାର୍କିଂ ବ୍ୟବସ୍ଥା ବ୍ଲୁ ପାସଧାରୀଙ୍କ ପାଇଁ ହୋଟେଲ ନୀଳାଚଳ ଅଶୋକ ଏବଂ ଏସସିଏସ କଲେଜରେ ପାର୍କିଂ ବ୍ୟବସ୍ଥା କରାଯାଇଛି ।

ତକାଲି ହୋଇଥିଲା ଫୁଲଡ୍ରେସ ରିହରର୍ସାଲ। ଆଇଏନଏସ ଜଲସା, ମିଶାଇଲ୍ ଡେଷ୍ଟ୍ରୋୟର ଆଇଏନଏସ ଦିଲ୍ଲୀ, ଆଇଏନଏସ ଶକ୍ତି, ଆଇଏନଏସ ସର୍ଯ୍ୟୁ, ଆଇଏନଏସ ଅରିହନ୍ତ, ଆଇଏନଏସ ସାତପୁରା ପ୍ରମୁଖ ନେଭି ଡେ ଉତ୍ସବରେ ସାମିଲ ହୋଇ ପରାକ୍ରମ ଦେଖାଇବେ। ସେହିପରି ହକ୍, ସି-କିଙ୍ଗ, ମିଗ୍-୨୯ ଭଳି ଫାଇଟର ଜେଟ୍ ଓ ଚେତକ, ଏମଏସ ୬୦ ହେଲିକପ୍ଟର ଦେଖାଇବେ ନୌସେନାର ବୀରତ୍ୱ। ଆସନ୍ତାକାଲି ଅପରାହ୍ଣ ୪ଟା ୦୭ରୁ ୫ଟା ୨୪ ପର୍ଯ୍ୟନ୍ତ ଚାଲିବ ନୌସେନାର ଆଖିଝଲସା ସମରକୌଶଳ ପ୍ରଦର୍ଶନ। ଓଡ଼ିଶାରେ ପ୍ରଥମ ଥର ପାଇଁ ଆୟୋଜିତ ହେବାକୁ ଯାଉଛି ଏହି ଭବ୍ୟ କାର୍ଯ୍ୟକ୍ରମ।

## ୩୩୪ ନିଖୋଜ ଶିଶୁ ରାଜ୍ୟ ବାହାରୁ ଉଦ୍ଧାର


**ଭୁବନେଶ୍ୱର, ୩।୧୨ (ମହାଭାରତ) :** ଓଡ଼ିଶା ରାଜ୍ୟ ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖା, ଭୁବନେଶ୍ୱର ତରଫରୁ ଆମ ରାଜ୍ୟରେ ଆଜି ପର୍ଯନ୍ତ ନିଖୋଜ ଥିବା ଶିଶୁ ମାନଙ୍କୁ ଉଦ୍ଧାର କରିବା ପାଇଁ ଏକ ସ୍ୱତନ୍ତ୍ର ଅଭିଯାନ ଗତ ନଭେମ୍ବର ୧୮ ରୁ ୨୩ ତାରିଖ ପର୍ଯନ୍ତ ଆୟୋଜନ କରାଯାଇଥିଲା। ଉକ୍ତ ସମୟ ମଧ ରେ ସର୍ବମୋଟ ୩୩୪ ନିଖୋଜ ଶିଶୁ ଯାହାଙ୍କ ମଧ୍ୟରେ ୩୦୬ ବାଳିକା ଓ ୨୮ ବାଳକ ଆମ ରାଜ୍ୟ ତଥା ରାଜ୍ୟ ବାହାରୁ ଉଦ୍ଧାର କରାଯାଇ ସେମାନଙ୍କ ପରିବାର ଜନଙ୍କୁ ହସ୍ତାନ୍ତର କରାଯାଇଛି।

ଉକ୍ତ ସ୍ୱତନ୍ତ୍ର ଅଭିଯାନକୁ ସମସ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ବଳିଷ୍ଠ ଉଦ୍ୟମରେ ଓ ରାଜ୍ୟ ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖା, ଭୁବନେଶ୍ୱରଙ୍କ ତତ୍ୱାବଧାନରେ ସମାପନ କରାଯାଇଅଛି। ସମଗ୍ର ରାଜ୍ୟରେ ଭଦ୍ରକ ଜିଲ୍ଲା ପୁଲିସ ସର୍ବମୋଟ ୬୫ ନିଖୋଜ ଶିଶୁଙ୍କୁ ଉଦ୍ଧାର କରି ସର୍ବୋତ୍କୃଷ୍ଟ ଜିଲ୍ଲାର ମାନ୍ୟତା ହାସଲ କରିଛି।



ଡିଜିପି ସମ୍ମିଳନୀ ସଫଳତାର ସହ ଆୟୋଜନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ବିଧାୟକ।

# ରେଳ ଜୋନ୍ ପୁନର୍ଗଠନ ପ୍ରସଙ୍ଗରେ ରେଳମନ୍ତ୍ରୀଙ୍କୁ ଭେଟିଲେ ଓଡ଼ିଶା ସାଂସଦ



**ନୂଆଦିଲ୍ଲୀ,୩।୧୨(ପିଆଇବି):** ଓଡ଼ିଶାର ଆର୍ଥିକ ହିତକୁ ବଜାୟ ରଖାଯିବା ସହ ପୂର୍ବତଟ ରେଳପଥ ମଧ୍ୟରେ ପୂର୍ବପରି ୩ଟି ରେଳ ମଣ୍ଡଳ ରହିବ ବୋଲି କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି। ଆଜି ନୂଆଦିଲ୍ଲୀରେ ଓଡ଼ିଶାର ଲୋକସଭା ସାଂସଦମାନଙ୍କ ସହିତ ଆଲୋଚନା ପରେ ଶ୍ରୀ ବୈଷ୍ଣବ କହିଛନ୍ତି, ଓଡ଼ିଶାର ରେଳ ବିକାଶ ପ୍ରସଙ୍ଗରେ ସାଂସଦମାନଙ୍କ ସହିତ ବିସ୍ତୃତ ଆଲୋଚନା ହେଲା।

ବର୍ତ୍ତମାନ ପୂର୍ବତଟ ଏବଂ ଦକ୍ଷିଣ ତଟ ରେଳ ଜୋନ୍ ପୁନର୍ଗଠନ ହେଉଥିବାବେଳେ ଓଡ଼ିଶାର ଆର୍ଥିକ ସ୍ୱାର୍ଥରକ୍ଷା ପ୍ରତି ବିଶେଷ ଧ୍ୟାନ ଦିଆଯାଇଛି। ଓଡ଼ିଶାରେ ରେଳ ବିକାଶ ପାଇଁ ୭୩,୭୨୩ କୋଟିରୁ ଅଧିକ ଟଙ୍କା ମଞ୍ଜୁର କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ରେଳ ମନ୍ତ୍ରୀ ଶ୍ରୀ ବୈଷ୍ଣବ କୃତଜ୍ଞତା ଜଣାଇଛନ୍ତି। ସେ କହିଛନ୍ତି, ପ୍ରସ୍ତାବିତ ରାୟଗଡା ରେଳ ମଣ୍ଡଳକୁ ମଞ୍ଜୁର କରାଯାଇଛି। ରେଳ ମଣ୍ଡଳ କାର୍ଯ୍ୟାଳୟ ନିର୍ମାଣ ପାଇଁ ୧୦୭ କୋଟି ଟଙ୍କାର ଟେଣ୍ଡର ଆହ୍ୱାନ କରାଯାଇଛି।

କେନ୍ଦ୍ର ରେଳ ମନ୍ତ୍ରୀ ଆହୁରି କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କର ତୃତୀୟ କାର୍ଯ୍ୟକାଳ ଆରମ୍ଭ କରିବା ପରେ ବର୍ଷ ବର୍ଷ ଧରି ପଡ଼ି ରହିଥିବା ଓଡ଼ିଶାର ପ୍ରକଳ୍ପଗୁଡ଼ିକୁ ମଞ୍ଜୁର କରିଛନ୍ତି। ପୂର୍ବତଟ ରେଳପଥ ମଧ୍ୟରେ ପୂର୍ବପରି ତିନିଟି ରେଳ ମଣ୍ଡଳ ରହିବ। ଅମୃତ ଷ୍ଟେସନ ଯୋଜନାରେ ଓଡ଼ିଶାର ୫୯ଟି ଷ୍ଟେସନକୁ ପୁନର୍ବିକାଶ କରାଯାଉଛି। ୧୯,୨୮୯ କୋଟି ଟଙ୍କାର ୮ଟି ରେଳ ପ୍ରକଳ୍ପକୁ କେନ୍ଦ୍ର କ୍ୟାବିନେଟ ଅନୁମୋଦନ କରିଛି, ଏହିସବୁ ପ୍ରକଳ୍ପଗୁଡ଼ିକ ହେଲା: ଗୁଣୁପୁର-ଥେରୁବାଲି ନୂତନ ରେଳ ଲାଇନ, ଜୁନାଗଡ଼ ରୋଡ଼-ନବରଙ୍ଗପୁର ନୂତନ ରେଳ ଲାଇନ, ମାଲକାନଗିରି-ପଣ୍ଡୁରଙ୍ଗାପୁରମ ଭାୟା ଭଦ୍ରାଚଳମ ନୂତନ ରେଳ ଲାଇନ, ବାଦାମପାହାଡ଼-କେନ୍ଦୁଝରଗଡ଼ ନୂତନ ରେଳ ଲାଇନ, ବାଙ୍ଗିରିପୋଷି-ଗୋରୁମହିଷାଣୀ ନୂତନ ରେଳ ଲାଇନ, ବୁଢ଼ାମରା-ଚାକୁଳିଆ। ନୂତନ ରେଳ ଲାଇନ, ସରଡେଗା-ଭାଲୁମୁଡା ନୂତନ ଦୋହରୀକରଣ ରେଳ ଲାଇନ ଓ ବରଗଡ଼ ରୋଡ଼-ନୂଆପଡା ରୋଡ଼ ନୂତନ ରେଳ ଲାଇନ।ଏହାବ୍ୟତୀତ କଳାହାଣ୍ଡି ଠାରୁ ଆରମ୍ଭ କରି ମାଲକାନଗିରି ଓ କୋରାପୁଟ ପର୍ଯ୍ୟନ୍ତ ରେଳ ସଂଯୋଗ ପ୍ରକଳ୍ପ ମଞ୍ଜୁର କରାଯାଇଛି। ବାରକୋଟ-ଝାରସୁଗୁଡ଼ା ରେଳ ଲାଇନ ପ୍ରକଳ୍ପ କାର୍ଯ୍ୟକାରୀ ପାଇଁ ପଦକ୍ଷେପ ନିଆଯାଇଥିବା ରେଳ ମନ୍ତ୍ରୀ ସୂଚନା ଦେଇଥିଲେ। ଏହି ଅବସରରେ ସମ୍ବଲପୁର ସାଂସଦ ତଥା କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ଓଡ଼ିଶା ଇତିହାସରେ ଯାହା କେବେ ହୋଇନଥିଲା ବିଗତ ୧୦ ବର୍ଷ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସେହି ସମ୍ଭାବନାକୁ ଓଡ଼ିଶା ପାଇଁ ତିଆରି କରିଥିବାରୁ ରାଜ୍ୟବାସୀଙ୍କ ତରଫରୁ ତାଙ୍କୁ ଅଶେଷ କୃତଜ୍ଞତା। ଗତ ଦଶନ୍ଧିରେ ପାଖାପାଖି ୭୫ ହଜାର କୋଟି ଟଙ୍କାର ରେଳ ବଜେଟ ବ୍ୟବସ୍ଥା କରାଯାଇଛି। ଏବେ ରାୟଗଡ଼ାରେ ଏକ ନୂଆ ଡିଭିଜନ ହେବ। ୱାଲଟିୟର ଡିଭିଜନରୁ ଓଡ଼ିଶା ଅଞ୍ଚଳକୁ ବାଦ ଦେଇ ଗୋଟିଏ ନୂଆ ଡିଭିଜନ ହେବ। ଏହା ଓଡ଼ିଶାର ରେଳ ଭିତ୍ତିଭୂମି କ୍ଷେତ୍ରରେ ଗୋଟିଏ ବଡ଼ ଉପଲବ୍ଧି। ରାଜ୍ୟର ଆର୍ଥିକ ହିତ ମଧ ବଜାୟ ରହିବ ବୋଲି ରେଳ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି।

ଏହି ଅବସରରେ କଟକ ସାଂସଦ ଭର୍ତ୍ତୃହରି ମହତାବ, ବ୍ରହ୍ମପୁର ସାଂସଦ ଡକ୍ଟର ପ୍ରଦୀପ ପାଣିଗ୍ରାହୀ, ଯାଜପୁର ସାଂସଦ ରବୀନ୍ଦ୍ର କୁମାର ବେହେରା, ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ, ଆସିକା ସାଂସଦ ଅନୀତା ଶୁଭଦର୍ଶିନୀ, ମୟୂରଭଞ୍ଜ ସାଂସଦ ନବଚରଣ ମାଝୀ, ଜଗତସିଂହପୁର ସାଂସଦ ବିଭୁପ୍ରସାଦ ତରାଇ, ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, କଳାହାଣ୍ଡି ସାଂସଦ ମାଳବିକା ଦେବୀ ପ୍ରମୁଖ ଉପସ୍ଥିତ ଥିଲେ।

# ଏକନାଥ ସିନ୍ଦେଙ୍କୁ ଭେଟିଲେ ଫଡ଼ଣବିସ

**ମୁମ୍ବାଇ,୨।୧୨(ମହାଭାରତ):** ମହାରାଷ୍ଟ୍ରରେ ଡିସେମ୍ବର ୫ରେ ଶପଥ ଗ୍ରହଣ ସମାରୋହ ଆୟୋଜିତ ହେବ। ଆଜାଦ ମଇଦାନରେ ଜୋରସୋରେ ଏହାର ପ୍ରସ୍ତୁତି ଚାଲିଛି। ତେବେ ଆଗାମୀ ମୁଖ୍ୟମନ୍ତ୍ରୀଙ୍କୁ ନେଇ ଲାଗି ରହିଥିବା ସସପେନ୍ସ ମଧ୍ୟରେ କାମଚଳା ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କୁ ଭେଟିଛନ୍ତି ବିଜେପିର ବରିଷ୍ଠ ନେତା ଦେବେନ୍ଦ୍ର ଫଡଣବିସ। ମଙ୍ଗଳବାର ସିନ୍ଦେଙ୍କ ବର୍ଷା ବଙ୍ଗଳା ଯାଇ ଭେଟିଛନ୍ତି ଫଡଣବିସ। ସୂତ୍ର ମୁତାବକ ଦୁଇ ନେତାଙ୍କ ମଧ୍ୟରେ ସରକାର ଗଠନର ଫର୍ମୁଲା ଓ ଶପଥ ଗ୍ରହଣର ପ୍ରସ୍ତୁତି ଉପରେ ଆଲୋଚନା ହୋଇଛି। ଏହା ସହିତ ଫଡଣବିସ ଏକନାଥ ସିନ୍ଦେଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବା ଯୋଗୁଁ ସିନ୍ଦେ ଆଜି ହସ୍ପିଟାଲ୍‌ରେ ଭର୍ତ୍ତି ହୋଇଥିଲେ ।ଏକନାଥ ସିନ୍ଦେଙ୍କ ସ୍ୱାସ୍ଥ୍ୟ ଖରାପ ହେବା ପରେ ପ୍ରଥମ ଥର ତାଙ୍କୁ ଭେଟିଛନ୍ତି ଦେବେନ୍ଦ୍ର ଫଡ଼ଣବିସ ସରକାରରେ ମନ୍ତ୍ରିମଣ୍ଡଳର ଫର୍ମୁଲାକୁ ନେଇ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଥିବା କୁହାଯାଉଛି। ଏକନାଥ ସିନ୍ଦେ ଶୁକ୍ରବାର ସତାରା ଜିଲ୍ଲା ସ୍ଥିତ ନିଜ ଗାଁକୁ ଚାଲି ଯାଇଥିଲେ। ଏହା ପରେ ଚର୍ଚ୍ଚା ଜୋର ଧରିଥିଲା ଯେ, ମହାଯୁତି ସରକାର ଗଠନର ଫର୍ମୁଲାକୁ ନେଇ ଏକନାଥ ସିନ୍ଦେ ଅସନ୍ତୁଷ୍ଟ ଅଛନ୍ତି ।କିନ୍ତୁ ତାଙ୍କ ସହଯୋଗୀ ଜଣାଇଥିଲେ ଯେ, ତାଙ୍କ ସ୍ୱାସ୍ଥ୍ୟ ଠିକ୍ ନ ଥିବାରୁ ସେ ବିଶ୍ରାମ ନେଇଛନ୍ତି ।ସିନ୍ଦେଙ୍କ ଖରାପ ସ୍ୱାସ୍ଥ୍ୟାବସ୍ଥା କାରଣରୁ ମୁମ୍ବାଇରେ ମହାଯୁତିର ଗୁରୁତ୍ୱପୂର୍ଣ୍ଣ ବୈଠକ ମଧ୍ୟ ବସି ପାରି ନାହିଁ ।

ଆଜି ଠାଣେ ହସ୍ପିଟାଲରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇଛନ୍ତି। ଏକନାଥ ସିନ୍ଦେ ତେବେ ଆଜି ସନ୍ଧ୍ୟାରେ ଫଡ଼ଣବିସଙ୍କ ପୂର୍ବରୁ ବିଜେପିର ବରିଷ୍ଠ ନେତା ଗିରିଶ ମହାଜନ ସିନ୍ଦେଙ୍କୁ ଭେଟିଛନ୍ତି। ୨୪ ଘଣ୍ଟା ବ୍ୟବଧାନରେ ସେ ଦୁଇ ଥର ତାଙ୍କୁ ଭେଟିଛନ୍ତି। ଏହା ପୂର୍ବରୁ ସିନ୍ଦେ ଗୋଷ୍ଠୀର ନେତା ଉଦୟ ସାମନ୍ତ ଫଡ଼ଣବିସଙ୍କୁ ଭେଟିଥିଲେ ।ଏହିପରି ମହାରାଷ୍ଟ୍ରରେ ସରକାର ଗଠନ ନେଇ ନେତାମାନଙ୍କ ସାକ୍ଷାତ ଓ ଆଲୋଚନା ପର୍ବ ଜାରି ରହିଛି।

**ମୁଖ୍ୟମନ୍ତ୍ରୀ ନେଇ ସସ୍‌ପେନ୍ସ ଜାରି**

## ୮ ବର୍ଷ ଚାକିରି ଭିତରେ ୧୮ ପ୍ଲଟ୍

**ଭୁବନେଶ୍ୱର,୩।୧୨(ମହାଭାରତ.):** ଭିଜିଲାନ୍ସ ଜାଲରେ ପଡିଥିବା ଜୟପୁର ବ୍ଲକର ସହକାରୀ ନିର୍ବାହୀ ଯନ୍ତ୍ରୀ ବିଶ୍ୱନାଥ ପାତ୍ରଙ୍କର କୋଟି କୋଟି ଟଙ୍କାର ସମ୍ପତ୍ତି । ୮ ବର୍ଷ ଚାକିରି କାଳ ଭିତରେ ସେ ପକାଇଛନ୍ତି ୧୮ଟି ପ୍ଲଟ୍ । ଭୁବନେଶ୍ୱରରେ ୩ଟି ପ୍ଲଟ, ଜୟପୁରରେ ଦେଢ଼ କୋଟି ଟଙ୍କାର ଜାଗା ସହ ଘର ଠାବ ହୋଇଛି । ତାଙ୍କ ଘରୁ ୮ଶହ ଗ୍ରାମରୁ ଅଧିକ ସୁନା, ୧ କେଜିରୁ ଅଧିକ ରୁପା, ୩ କୋଟିରୁ ଅଧିକ ମୂଲ୍ୟର ସମ୍ପତ୍ତି ଠାବ ହୋଇଛି। ସେହିପରି ୫୦ରୁ ୬୦ ଲକ୍ଷ ଟଙ୍କାର ବ୍ୟାଙ୍କ ଡିପୋଜିଟ୍ ଥିବା ଜଣାପଡିଛି। ଆଜି ବିଶ୍ୱନାଥଙ୍କ ଜୟପୁର, ଗଞ୍ଜାମ ଓ ଭୁବନେଶ୍ୱରର ୬ଟି ସ୍ଥାନରେ ଭିଜିଲାନ୍ସ ଚଢାଉ କରିଛି। ଜଣେ ଅତିରିକ୍ତ ଏସପି, ୨ ଡିଏସପି, ୮ ଇନସପେକ୍ଟର, ୬ ଏଏସଆଇ ଓ ଅନ୍ୟ କିଛି କର୍ମଚାରୀ ଏହି ଚଢାଉରେ ସାମିଲ ହୋଇଛନ୍ତି।

# ଗୃହରେ 'ଦରମା ଓ ପେନସନ୍ ବୃଦ୍ଧି' ପ୍ରସଙ୍ଗ

**ଭୁବନେଶ୍ୱର,୩।୧୨(ମହାଭାରତ):** କିଛିମାସର ବ୍ୟବଧାନ ପରେ ପୁଣି ନିଜ ଦରମା ବୃଦ୍ଧି ଦାବି କରିଛନ୍ତି ସବୁ ଦଳର ବିଧାୟକ। ବାଚସ୍ପତି ସୁରମା ପାଢୀ ମଧ ସେମାନଙ୍କ ଦାବିକୁ ବିଚାରକୁ ନେଇ ଉପଦେଷ୍ଟା କମିଟି ଘୋଷଣା କରିବା ସହ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆଜି ବିଧାନସଭା ଶୂନ୍ୟକାଳରେ ବିଧାୟକମାନଙ୍କର ଦରମା ଓ ପୂର୍ବତନ ବିଧାୟକମାନଙ୍କର ପେନସନ୍ ବୃଦ୍ଧି ପ୍ରସଙ୍ଗ ଉଠାଇଥିଲେ ଶାସକ ଓ ବିରୋଧୀ ସଦସ୍ୟ। ଏଥିସହ ବିଧାୟକମାନଙ୍କର ପାଣ୍ଠିକୁ ମଧ୍ୟ ୩ରୁ ୫ କୋଟିକୁ ବୃଦ୍ଧି କରିବାକୁ ଦାବି କରିଛନ୍ତି ବିଧାୟକ। ଆଜି ଯେଉଁ ଦରଦାମର ସ୍ଥିତି ରହିଛି ସେଥିରେ ବିଧାୟକ ମାନଙ୍କୁ ଯେଉଁ ଦରମା ମିଳୁଛି ତାହା ଆଦୌ ଯଥେଷ୍ଟ ନୁହେଁ। ଆଜି ବିଧାନଭାରେ ଉଭୟ ବିରୋଧୀ ଓ ଶାସକ ଦଳର ବିଧାୟକ ମାନେ ଏହି ଦାବି କରିଥିଲେ। ବାଚସ୍ପତି ଶ୍ରୀମତୀ ପାଢୀ ମଧ କହିଥିଲେ ଯେ ଗୃହରେ ଏହି ପ୍ରସଙ୍ଗକୁ ନେଇ ଯେଉଁ ଉଦବେଗ ରହିଛି ତାହା ଯଥାର୍ଥ। ଏ ସମ୍ପର୍କରେ ସେ ନିଜେ ମଧ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇବେ ବୋଲି କହିଥିଲେ।



ଆଜି ଶୂନ୍ୟକାଳରେ ବିରୋଧୀ ଦଳର ମୁଖ୍ୟ ସଚେତକ ପ୍ରମିଳା ମଲିକ ସର୍ବ ପ୍ରଥମେ ଏହି ପ୍ରସଙ୍ଗ ଉଠାଇ କହିଥିଲେ ଯେ ଗତ ସରକାର ବେଳେ ଅମର ଶତପଥୀଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇଥିଲା । ଉକ୍ତ କମିଟି ବିଭିନ୍ନ ରାଜ୍ୟକୁ ଗସ୍ତ କରି ସେଠାରେ ବିଧାୟକ ମାନଙ୍କ ଦରମା ଭତ୍ତା ସମ୍ପର୍କରେ ଅଧ୍ୟୟନ କରିଥିଲା ଓ ଏ ସମ୍ପର୍କିତ ରିପୋର୍ଟ ପ୍ରଦାନ କରିଥିଲା। ସେ କହିଛନ୍ତି ଯେ ଉକ୍ତ ରିପୋର୍ଟର ସୁପାରିଶକୁ ସରକାର ଲାଗୁ କରନ୍ତୁ। ନ ହେଲେ ପୁଣି ଥରେ ଏକ କମିଟି ଗଠନ କରାଯାଇ ଦରମା ବୃଦ୍ଧି କରାଯାଉ।

ବିରୋଧୀ ଦଳ ଉପ-ମୁଖ୍ୟ ସଚେତକ ଥିବା ପ୍ରତାପ ଦେବ ମଧ ସେହି ସମାନ ଢଙ୍ଗରେ କହିଥିଲେ ଯେ, ବିଧାୟକ ଉନ୍ନୟନ ପାଣ୍ଠି ୩ କୋଟି ଟଙ୍କା ଦିଆଯାଉଛି କିନ୍ତୁ ୩ କୋଟି ଟଙ୍କା ଯଥେଷ୍ଟ ନୁହେଁ, ଏମଏଲଏ ପାଣ୍ଠିକୁ ୫ କୋଟି ଟଙ୍କା କରାଯାଉ ବୋଲି ସେ ଦାବି କରିଥିଲେ। ଯେଉଁ ଦାବିକୁ ସମର୍ଥନ ଦେଇ ବଳ ଦେଇଥିଲେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ। କଂଗ୍ରେସ ବିଧାୟକ ତାରା ବାହିନୀପତି କହିଥିଲେ ଯେ, ଆଇଏଏସ ଅଫିସରଙ୍କର କୌଣସି ଅସୁବିଧା ନାହିଁ। ସେମାନେ ଅବସର ପରେ ବି କୋଠା ଘରେ ରହୁଛନ୍ତି, କିନ୍ତୁ ବିଧାୟକ ମାନଙ୍କର ହୃଦୟ ନିର୍ମଳ, ପ୍ୟାକେଟ ଖାଲି।

ବିଜେପି ବିଧାୟକ ଭାସ୍କର ମଢେଇଙ୍କ ସହ ସନାତନ ବିଜୁଳି ମଧ ଏହାକୁ ସମର୍ଥନ ଦେଇଥିଲେ। ସନାତନ ବିଜୁଳି କହିଥିଲେ ଯେ, ବିଧାୟକମାନଙ୍କ ଆନୁଷଙ୍ଗିକ ଖର୍ଚ୍ଚ ଅନୁସାରେ ଦରମା ବହୁତ କମ। ତେଣୁ କମିଟି ସୁପାରିଶ ଅନୁସାରେ ବିଧାୟକ ମାନଙ୍କ ଦରମା ଓ ପୂର୍ବତନ ବିଧାୟକଙ୍କ ପେନସନ ବୃଦ୍ଧି କରାଯାଉ।

ଶେଷରେ ଏହା ଉପରେ ପ୍ରତିକ୍ରିୟା ଦେଇ ବାଚସ୍ପତି ସୁରମା ପାଢୀ କହିଥିଲେ ଯେ, ବିଧାୟକ ମାନେ ଉଠାଇଥିବା ଦାବିରେ ସମସ୍ତଙ୍କ ସହମତି ରହିବା ଭଳି ପ୍ରତୀୟମାନ ହେଉଛି। ତେଣୁ ବିଧାୟକମାନଙ୍କ ଦରମା, ପୂର୍ବତନ ବିଧାୟକମାନଙ୍କ ପେନସନ ଓ ଏମଏଲଏ ପାଣ୍ଠି ବୃଦ୍ଧି ଦାବି ସମୟର ଆବଶ୍ୟକତା ଅଛି। ତେଣୁ ନିଶ୍ଚିତ ଭାବେ ସଂସଦୀୟ ବ୍ୟାପାର ମନ୍ତ୍ରୀ ଏହି ପ୍ରସଙ୍ଗ ରାଜ୍ୟ ସରକାରଙ୍କ ପାଖରେ ଉପସ୍ଥାପନ କରିବେ ଏବଂ ବାଚସ୍ପତି ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇବେ ବୋଲି କହିଥିଲେ ବାଚସ୍ପତି।

ଏଥିରେ ବିଧାୟକ ଭାସ୍କର ମଢେଇ ଅଧ୍ୟକ୍ଷ ରହିବେ କଂଗ୍ରେସ ବିଧାୟକ ଦଳ ନେତା ରାମ କାଡାମ, ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ବିଧାୟକ ପ୍ରତାପ ଦେବ, ବିଧାୟକ ତାରା ବାହିନୀପତି, ଲକ୍ଷ୍ମଣ ମୁଣ୍ଡା, ପ୍ରକାଶ ସୋରେନ, ନିହାର ମହାନନ୍ଦ, ପୂର୍ଣ୍ଣ ସେଠି ସଦସ୍ୟ ରହିବେ।

# ପାନୀୟ ଜଳ ପ୍ରକଳ୍ପକୁ ନେଇ ବିଧାନସଭା ସରଗରମ





## ମଲେଇ ଖାଇ ପଳେଇଛନ୍ତି ଠିକାଦାର : ମନ୍ତ୍ରୀ

## ପାନୀୟଜଳ କଷ୍ଟ ଆକ୍ରୋଶର ହୋଇଛନ୍ତି ବିଧାୟକ : ବଦ୍ରି

**ଭୁବନେଶ୍ୱର,୩।୧୨(ମହାଭାରତ):** ରାଜ୍ୟରେ ପାନୀୟ ଜଳ ପ୍ରକଳ୍ପକୁ ନେଇ ଆଜି ସରଗରମ ହୋଇଛି ବିଧାନସଭା।

ବିଧାୟକ ସୌଭିକ ବିଶ୍ୱାଳଙ୍କ ପାନୀୟ ଜଳ ପ୍ରକଳ୍ପର କାର୍ଯ୍ୟକାରିତା ସଂପର୍କିତ ମୂଳ ପ୍ରଶ୍ନର ଉତ୍ତରରେ ପୂର୍ବ ସରକାରକୁ ଟାର୍ଗେଟ କରିଛନ୍ତି ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବି ନାଏକ। କହିଛନ୍ତି, ପୂର୍ବ ସରକାର ଅମଳରେ ମଲେଇ ଖାଇ ପଳେଇଛନ୍ତି ଠିକାଦାର। ପୂର୍ବ ସରକାର ପାନୀୟ ଜଳ ଯୋଗାଣ ପାଇଁ ଯେଉଁ ଠିକାଦାର ମାନଙ୍କ ସହ ଏଗ୍ରିମେଣ୍ଟ କରିଥିଲେ, ସେମାନେ ୫୮ ପ୍ରତିଶତ ଟଙ୍କା ଉଠାଇ କେବଳ ପାଇପ ବିଛାଇ ପଳେଇଛନ୍ତି ।ଇନଟେକ ୱେଲ ନିର୍ମାଣ ହୋଇନି। ସେଥିପାଇଁ କାମ ବିଳମ୍ବ ହେଉଛି। ବିଭାଗ ବହୁତ ପରିଶ୍ରମ କରୁଛି ବୋଲି ମନ୍ତ୍ରୀ କହିଛନ୍ତି।

ମନ୍ତ୍ରୀ ଆହୁରି କହିଛନ୍ତି, ରାଜ୍ୟରେ ମାତ୍ର ୧୬ଟି ପାନୀୟ ଜଳ ପ୍ରକଳ୍ପ ସଂପୂର୍ଣ୍ଣ ହୋଇଛି। ଏବେ ବି ୧୯୧ ପାନୀୟ ଜଳ ପ୍ରକଳ୍ପ ନିର୍ମାଣାଧୀନ ରହିଛି। ୩ଟି ପର୍ଯ୍ୟାୟରେ ଏହାକୁ ସଂପୂର୍ଣ୍ଣ କରାଯିବ। ମାର୍ଚ୍ଚ ୨୦୨୫ରେ ୫୬ଟି, ଡିସେମ୍ବର ୨୦୨୫ରେ ୫୪ଟି ଏବଂ ବାକି ୮୧ଟି ପ୍ରକଳ୍ପ ଜୁନ ୨୦୨୬ରେ ସାରିବାକୁ ବିଭାଗ ଲକ୍ଷ୍ୟ ରଖିଛି ବୋଲି କହିଛନ୍ତି ମନ୍ତ୍ରୀ। ବିଧାୟକ ଗଣେଶ୍ୱର ବେହେରା କହିଛନ୍ତି, ଯେଉଁମାନେ ମଲେଇ ଖାଇ ପଳେଇଛନ୍ତି, ସେମାନଙ୍କୁ ସରକାର ଧରିବାକୁ ପୁଲିସର ସହାୟତା ନିଅନ୍ତୁ। ତାଙ୍କର ଅବହେଳା ପାଇଁ ଲୋକେ କାହିଁକି କଷ୍ଟ ପାଇବେ? ସରକାର ସେମାନଙ୍କୁ ବାନ୍ଧିବାକୁ ବ୍ୟବସ୍ଥା କରନ୍ତୁ ।ତେବେ ମନ୍ତ୍ରୀ ରବି ନାଏକ କହିଛନ୍ତି, ଯେଉଁମାନେ ମେଗା ପାନୀୟ ଜଳ ପ୍ରକଳ୍ପ ନେଇଥିଲେ, ସେମାନେ ଆମ ରାଜ୍ୟର ନୁହଁନ୍ତି। ସେମାନଙ୍କ ଦ୍ୱାରା ଓଡ଼ିଶାକୁ ଠକିବାକୁ ବଡ଼ ଯୋଜନା କରାଯାଇଥିଲା ।ବିଜେଡିର ବରିଷ୍ଠ ବିଧାୟକ ବଦ୍ରି ନାରାୟଣ ପାତ୍ର ପାନୀୟ ଜଳ ପ୍ରକଳ୍ପକୁ ନେଇ ପ୍ରଶ୍ନକାଳରେ ବିସ୍ଫୋରକ ବୟାନ ଦେଇଛନ୍ତି। ସେ କହିଛନ୍ତି, ପାନୀୟଜଳ କଷ୍ଟ ଅକ୍ରୋଶର ଶିକାର ହୋଇ ନିର୍ବାଚନ ହାରିଛନ୍ତି ବିଧାୟକ। ମୁଁ ନିଜେ ଏହା ଗତ ନିର୍ବାଚନରେ ଅନୁଭବ କରିଛି। ଯେଉଁମାନେ କମ୍ ଭୋଟରେ ହାରିଛନ୍ତି, ନିର୍ବାଚନ ପୂର୍ବରୁ ପାନୀୟ ଜଳ ପ୍ରକଳ୍ପ ନସରିବା ଏହାର ମୁଖ୍ୟ କାରଣ। ଲୋକମାନଙ୍କୁ ପ୍ରତିଶ୍ରୁତି ଦିଆଯାଇଥିଲା, ନିର୍ବାଚନ ପୂର୍ବରୁ ପ୍ରକଳ୍ପ ସରିବ। କିନ୍ତୁ ନସରିବାରୁ ଲୋକଙ୍କ ଆକ୍ରୋଶ ବଢ଼ିଲା ବୋଲି କହିଛନ୍ତି ବଦ୍ରି।

## କଞ୍ଚାଲଙ୍କା ଆଚାର



ଆସନ୍ତୁ ଜାଣିବା କିପରି ପ୍ରସ୍ତୁତ କରାଯିବ କଞ୍ଚାଲଙ୍କା ଆଚାର ।

**ଆବଶ୍ୟକୀୟ ସାମଗ୍ରୀ :** କଞ୍ଚାଲଙ୍କା -୨୫୦ ଗ୍ରାମ, ଧନିଆ-୧ଚାମଚ, ମଧୁରୀ-୧ଚାମଚ, ସୋରିଷ-୧ଚାମଚ, ମେଥି-୧ଚାମଚ, ହଳଦୀ ଅଧା ଚାମଚ, ହେଙ୍ଗୁ ଅଳ୍ପ, ଆମଚୁର ପାଉଡର-୨ଚାମଚ, ଭିନେଗାର-୧ଚାମଚ, ସୋରିଷ ତେଲ-୨ଚାମଚ, ସ୍ୱାଦ ଅନୁସାରେ ଲୁଣ ।

**ପ୍ରସ୍ତୁତ ପ୍ରଣାଳୀ :** ଏହି ସ୍ୱାଦିଷ୍ଟ ଆଚାର ପ୍ରସ୍ତୁତ କରିବା ପାଇଁ ସର୍ବପ୍ରଥମେ କଞ୍ଚାଲଙ୍କାକୁ ଧୋଇ ମଝିରୁ ଅଧା କାଟି ଶୁଖାଇ ଦିଅନ୍ତୁ । ତାପରେ ଏକ କଡେଇରେ ମଧୁରୀ,ମେଥୀ ,ସୋରିଷ ଏବଂ ଧନିଆ ମିଶାଇ ଭାଜି ତାକୁ ଅଳ୍ପ ପେଶୀ ଦିଅନ୍ତୁ । ବର୍ତ୍ତମାନ ସମସ୍ତ ମସଲାକୁ ଉକ୍ତ ଲଙ୍କାରେ ମିଶାଇ ଦିଅନ୍ତୁ । ଏହିସବୁ ମସଲା ସହିତ ସେଥିରେ ହଳଦୀ, ଆମଚୁର ପାଉଡର ଏବଂ ଲୁଣ ପକାଇ ଗୋଳାଇ ଦିଅନ୍ତୁ ।


ବର୍ତ୍ତମାନ ଏକ କଡେଇରେ ତେଲ ଗରମ କରି ସେଥିରେ ହେଙ୍ଗୁ ଏବଂ ସମସ୍ତ ଲଙ୍କା ମସଲା ପକାଇ ଘୋଡାଇ ଦିଅନ୍ତୁ । ବର୍ତ୍ତମାନ ଗ୍ୟାସ ବନ୍ଦ କରି ତିନିରୁ ଚାରି ମିନିଟ ପର୍ଯ୍ୟନ୍ତ ଘୋଡାଇ ଛାଡି ଦିଅନ୍ତୁ । ଏବେ ଏହାକୁ ଓହ୍ଲାଇ ଥଣ୍ଡା କରି ଏଥିରେ କିଛି ଭିନେଗାର ମିଶାଇ ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ଆପଣଙ୍କ ସ୍ୱାଦିଷ୍ଟ ଲଙ୍କା ଆଚାର ।

## ଖବର

# ଜାନୁୟାରୀରେ ମୁକ୍ତିଲାଭ କରିବ 'ସନାତନୀ'




ଓଡ଼ିଆ ଫିଲ୍ମ 'ସନାତନୀ'ର ମୋସନ୍ ପୋଷ୍ଟର ରିଲିଜ୍ ହୋଇଯାଇଛି । ବିଦିଶା କ୍ରାଫ୍ଟ ବ୍ୟାନରରେ ପ୍ରସ୍ତୁତ ଓଡ଼ିଆ ସିନେମା 'ସନାତନୀ', କର୍ମ ହିଁ ଧର୍ମର ମୋସନ୍ ପୋଷ୍ଟର ମୁକ୍ତିଲାଭ କରିଛି । ଫିଲ୍ମ ଧର୍ମାନ୍ତରୀକରଣ ଉପରେ ଆଧାରିତ ହୋଇଛି । ଏଥିରେ ନାୟକ ରୂପେ ସମ୍ବିତ ଭିନ୍ନ ଭିନ୍ନ ଅବତାରରେ ନଜର ଆସିବେ । ଫିଲ୍ମଟି ବିର୍ସା ମୁଣ୍ଡାଙ୍କ ଜୀବନୀ ଉପରେ ଆଧାରିତ ।ସେ କିଭଳି ସବୁ ଧର୍ମ ପାଇଁ ଲଢେଇ କରୁଥିଲେ ତାହା ଏହି ଫିଲ୍ମରେ ନଜର ଆସିବ । ଦର୍ଶକ ନିଶ୍ଚିତ ଫିଲ୍ମକୁ ଉପଭୋଗ କରିବେ ବୋଲି କହିବା ସହ କୌଣସି ଧର୍ମକୁ ଅପମାନ କରାଯାଇନି ବୋଲି କହିଛନ୍ତି । ଫିଲ୍ମଟି ଜାନୁୟାରୀରେ ମୁକ୍ତିଲାଭ କରିବ ।ୟସିନେମାରେ ହିରୋ ଭୂମିକାରେ ସମ୍ବି ନଜର ଆସିବେ । ଅର୍ଲିନ ଅଙ୍କିତାଙ୍କୁ ନାୟିକା ଭାବେ ଦେଖିବାକୁ ପାଇବେ ଦର୍ଶକ । ପୂର୍ବରୁ ସେ ୩ରୁ ଅଧିକ ସିନେମାରେ ଅଭିନୟ କରିସାରିଛନ୍ତି। ତାଙ୍କ ବ୍ୟତୀତ ପପି ସନ୍ତୁଟୁକା, ଗୁଲ୍ଲୁ, ଜଗନ୍ନାଥ ସେଠ୍, ଗୋପାଳ, ପ୍ରକାଶ ମହାନ୍ତି, ବବୁଲ ମୁଖ୍ୟ ଭୂମିକାରେ ନଜର ଆସିବେ । ଫିଲ୍ମର ପ୍ରଯୋଜକ ବିଜୟ କନ୍ଦୋଇ ଏହାର ପ୍ରଯୋଜନା ଦେଉଛନ୍ତି । ପୂର୍ବରୁ ସେ ୧୫ରୁ ଅଧିକ ସିନେମା ଓ ୨୦ରୁ ଅଧିକ ଧାରାବାହିକର ପ୍ରଯୋଜନା ଦେଇଛନ୍ତି । ଫିଲ୍ମର ସଂଳାପ ଲେଖିଛନ୍ତି ମାନସ ରଞ୍ଜନ ସାମଲ ଓ ଦିପ୍ତୀ ପଟ୍ଟନାୟକ । ସିନେମାଟୋଗ୍ରାଫର ଧ୍ରୁବାନନ୍ଦ ପଣ୍ଡା । ସଙ୍ଗୀତର ନିର୍ଦ୍ଦେଶନା ଦେଇଛନ୍ତି ଅଭିଜ୍ଞି ମଜୁମଦାର୍ ୟ ଗୀତ ରଚନା କରିଛନ୍ତି ନିର୍ମଳ ନାୟକ । ଦର୍ଶକ ସିନେମାକୁ ବଡ ପରଦାରେ ଆଗାମୀ ବର୍ଷ ଜାନୁୟାରୀ ମାସରେ ଦେଖିବାକୁ ପାଇବେ ।





## ପାଦ ଦରଜ ପଛର ୩ ଟି କାରଣ



ଶରୀରରେ ପୋଷକ ତତ୍ତ୍ୱର ଅଭାବ ହେତୁ ଲୋକଙ୍କ ଠାରେ ଅନେକ ସମସ୍ୟା ଦେଖା ଦେଇଥାଏ । ଏହା ପଛରେ ଥିବା ଅନେକ କାରଣ ଗୁଡିକ ଭିତରେ ଖାଦ୍ୟ ପେୟରେ ଅନିୟମିତତା, ଷ୍ଟ୍ରେସ, ବ୍ୟସ୍ତବହୁଳ ଲାଇଫ ଷ୍ଟାଇଲ ଆଦି ପ୍ରମୁଖ । ଏମିତିରେ ଏହି ଛୋଟ ଛୋଟ ଲକ୍ଷଣ ଗୁଡିକ ଆଗକୁ ଏକ ମାରାତ୍ମକ ସମସ୍ୟାରେ ପରିବର୍ତ୍ତନ ହୋଇପାରେ । ଏହି ସମସ୍ୟା ଗୁଡିକୁ ମଧ୍ୟରୁ ଗୋଟିଏ ହେଉଛି ଶୋଇବା ସମୟରେ ପାଦର ସିରା ପ୍ରଶିରା ଗୁଡିକ ଫୁଲିଯିବା । ଶୋଇବା ସମୟରେ ଯଦି କାନ୍ଧ, ହାତଗୋଡ ଆଦିର ସିରା ଫୁଲିଯାଏ ତେବେ ପରଦିନ ସକାଳେ ପୂରା ଦିନ ଦେହ ଖରାପ ଲାଗିଥାଏ । ଏମିତିକି ଶରୀରରେ ଜୋରରେ ଦରଜ ହେବା ଆରମ୍ଭ ହୋଇଯାଏ । ଦିନ ତମାମ କୌଣସି କାମରେ ମନ ଲାଗେ ନାହିଁ। ତେବେ ଆସନ୍ତୁ ଜାଣିବା କେଉଁ କାରଣ ଯୋଗୁଁ ଏପରି ସମସ୍ୟା ଦେଖାଦିଏ....

ଶରୀରରେ ଭିଟାମିନ-'ସି' ର ଅଭାବ କାରଣରୁ ଅନେକ ସମସ୍ୟା ଦେଖାଦିଏ । ଏହି ଭିଟାମିନ ଅଭାବରୁ ସର୍ଦ୍ଦି, କାଶ ଅନେକ ପ୍ରକାର ସଂକ୍ରମଣ ମଧ୍ୟ ହୋଇଥାଏ । ଅନ୍ୟ ପକ୍ଷରେ ଭିଟାମିନ-'ସି'କୁ ତ୍ୱଚା ଓ ବାଳର ପ୍ରମୁଖ ଉତ୍ସ ଭାବେ ଧରାଯାଏ । ସ୍କିନ ଓ ଚୁଟିରେ ବି ଏକ ପ୍ରକାର ଚମକ ଆସିଥାଏ । ରକ୍ତ କୋଷିକା ଗୁଡିକୁ ମଜବୁତ କରିବାରେ ଏହା ପ୍ରମୁଖ ଭୂମିକା ନେଇଥାଏ ।

ଏହି ସମସ୍ୟାରୁ ରକ୍ଷା ପାଇଁ ଭିଟାମିନ ସି ଯୁକ୍ତ ଖାଦ୍ୟ ଯେମିତିକି କମଳା, ମୌସମି, ଅଙ୍ଗୁର, ଲେମ୍ବୁ ଆଦି ଫଳର ସେବନ ବି କରିପାରିବେ ।

ହାତ ପାଦରେ ଦରଜ ହେବା କାରଣ ଶରୀରରେ ହିମୋଗ୍ଲୋବିନ ଅଭାବ ବି ହୋଇପାରେ । ଏହାର ଅଭାବରୁ ଶରୀରରେ ବ୍ଲଡ ସରକ୍ୟୁଲେସନ ବି ଠିକ୍ ଭାବେ ହୋଇପାରେ ନାହିଁ। ତେଣୁ ହିମୋଗ୍ଲୋବିନ ଭରପୁର ଖାଦ୍ୟ ଏହି ସମୟରେ ଖାଆନ୍ତୁ ।

# ସ୍ୱପ୍ନରୁ ଜାଣନ୍ତୁ କେବେ ହେବ ଆପଣଙ୍କ ବିବାହ



ବିବାହର ସ୍ୱପ୍ନ ପ୍ରତ୍ୟେକ ଯୁବକ ଯୁବତୀ ଦେଖିଥାଆନ୍ତି। ମାତ୍ର ଅନେକ ସମୟରେ ଗଭୀର ନିଦରେ ବିଭିନ୍ନ ପ୍ରକାର ସ୍ୱପ୍ନ ଆସିଥାଏ। ମାନ୍ୟତା ଅନୁଯାୟୀ, ଏପରି କିଛି ସ୍ୱପ୍ନ ରହିଛି, ଯାହାର ସଙ୍କେତ ବିବାହ ହେବାର ସୂଚନା ଦେଇଥାଏ। ଜାଣନ୍ତୁ.

୧- ଯଦି କୌଣସି ଯୁବକ ସ୍ୱପ୍ନରେ ସୁନ୍ଦର ରଙ୍ଗର ପୋଷାକ କିମ୍ବା କୌଣସି ମହିଳା, ଝିଅ ସୁନ୍ଦର ରଙ୍ଗର ପୋଷକ ପିନ୍ଧିଥିବା ଦେଖନ୍ତି, ତେବେ ଆପଣଙ୍କୁ ଶାନ୍ତ ଧୈର୍ଯ୍ୟବାନ ସ୍ତ୍ରୀ ପ୍ରାପ୍ତି ହେବ।

୨- ସ୍ୱପ୍ନରେ ସୁନାର ଅଳଙ୍କାର ଉପହାର ମିଳିବା ଦେଖିଲେ, ଏହା ଶୀଘ୍ର ବିବାହ ହେବାର ସଙ୍କେତ ଦେଇଥାଏ।


୩- ପ୍ରେମୀଯୁଗଳ ଯଦି ଆପଣଙ୍କ ସ୍ୱପ୍ନରେ ବଗିଚାରେ ବୁଲୁଥିବାର ଦେଖିଲେ, ପ୍ରେମରେ ଶୀଘ୍ର ସଫଳତା ମିଳିଥାଏ।

୪- ସ୍ୱପ୍ନରେ ବିଲେଇ ଦେଖିଲେ, ଦାମ୍ପତ୍ୟ ଜୀବନରେ ସମସ୍ୟା ସୃଷ୍ଟି ହୋଇ ପାରେ।

୫- ସ୍ୱପ୍ନରେ ମୟୁର ପୁଚ୍ଛ କିମ୍ବା ବଂଶୀ ଦେଖିବା ଉତ୍ତମ ଜୀବନସାଥୀ ସହ ଶୀଘ୍ର ବିବାହ ହେବାର ସଙ୍କେତ ଦେଇଥାଏ।

# ବୃଦ୍ଧଙ୍କ ପାଇଁ ରାମବାଣ ହୋଇଥାଏ ଏହି ୮ଟି ଜିନିଷ

## ନଖାଇଲେ ଭୋଗିବେ ଗମ୍ଭୀର ସମସ୍ୟା



ଶରୀରକୁ ସୁସ୍ଥ ରଖିବା ପାଇଁ ଭିଟାମିନର ଗୁରତ୍ୱପୂର୍ଣ୍ଣ ଭୂମିକା ରହିଥାଏ। ଭିଟାମିନର ଅଭାବରେ ଶରୀରରେ ବିଭିନ୍ନ ପ୍ରକାରର ସମସ୍ୟା ହୋଇଥାଏ। ଖାସ୍ କରି ବୟସ ବଢ଼ିଲେ କିଛି ଖାସ୍ ଭିଟାମିନ୍ସ ଆହୁରି ଜରୁରୀ ହୋଇଥାଏ। ଆସନ୍ତୁ ଜାଣିବା ଏହା ବିଷୟରେ

୧.କ୍ୟାଲସିୟମ୍ : ବୟସ ବଢ଼ିଲେ କ୍ୟାଲସିୟମ୍ ଅତ୍ୟନ୍ତ ଜରୁରୀ ହୋଇଥାଏ। କ୍ୟାଲସିୟମର ଅଭାବରେ ହାଡ଼ ଦୁର୍ବଳ ହୋଇଥାଏ ଯାହା ଫଳରେ ଅଷ୍ଟିଓପୋରୋସିସ ହୋଇପାରେ। ମେନୋପୋଜ ପରେ ଏହି ସମସ୍ୟା ସାଧାରଣ ହୋଇଯାଇଥାଏ। କ୍ୟାଲସିୟମ୍ ମାଂସପେଶୀ, ସ୍ନାୟୁ, କୋଶିକା ଏବଂ ରକ୍ତବାହିକାକୁ ଠିକ୍ କାମ କରିବାରେ ସାହାର୍ଯ୍ୟ କରିଥାଏ। ୫୦ରୁ ଅଧିକ ମହିଳା ଏବଂ ୭୦ବର୍ଷରୁ ଅଧିକ ପୁରୁଷଙ୍କ ବୟସ ତୁଳନାରେ ପାଖାପାଖି ୨୦ପ୍ରତିଶତରୁ ଅଧିକ କ୍ୟାଲସିୟମ ନେବା ଉଚିତ୍। ଡାୟେଟରେ କ୍ଷୀର, ଦହି ଏବଂ ପନିର ସାମିଲ କରନ୍ତୁ।

୨. ଭିଟାମିନ୍ ୧୨ : ଭିଟାମିନ୍ ୧୨ ରକ୍ତ ଏବଂ ତନ୍ତ୍ରିକା କୋଶିକାକୁ ପ୍ରସ୍ତୁତ କରିବାରେ ସାହାଯ୍ୟ କରିଥାଏ। ଏହି ଭିଟାମିନ୍ ମାଂସ, ମାଛ, ଅଣ୍ଡା ଏବଂ କ୍ଷୀର ଭଳି ଖାଦ୍ୟ ପଦାର୍ଥରେ ମିଳିଥାଏ। ଏହାକୁ ଭିଟାମିନ୍ ୧୨ ଟାବଲେଟ ଏବଂ ଫୋର୍ଟିଫାଇଡ ଫୁଡ୍ସ ଜରିଆରେ ମଧ ନିଆ ଯାଇପାରିବ। ୫୦ବର୍ଷରୁ ଅଧିକ ଲୋକଙ୍କଠାରେ ୩୦ପ୍ରତିଶତ ଯାଏଁ ଏଟ୍ରୋଫିକ୍ ଗ୍ୟାଷ୍ଟ୍ରିଟିସ୍ ରହିଥାଏ। ଯାହା ଦ୍ୱାରା ଶରୀରକୁ ଖାଦ୍ୟ ପଦାର୍ଥ ଜରିଆରେ ଭିଟାମିନ୍ ୧୨ ଠିକଭାବେ ମିଳିପାରିନଥାଏ।

୩. ଭିଟାମିନ୍ ଡି : ଭିଟାମିନ୍ ଡି ମାଂସପେଶୀ, ତନ୍ତ୍ରିକା ଏବଂ ରୋଗ ପ୍ରତିରୋଧକ ଶକ୍ତିକୁ ଠିକଭାବେ କାମ କରାଇବାରେ ସାହାଯ୍ୟ କରିଥାଏ। ଭିଟାମିନ୍ ଡିର ସବୁଠୁ ଉତ୍ତମ ସ୍ରୋତ ଖରା ହୋଇଥାଏ କିନ୍ତୁ ବୟସ ପରେ ସୂର୍ଯ୍ୟଙ୍କ କିରଣ ଶରୀରରେ ଭିଟାମିନ୍ ଡି କରିପାରି ନଥାଏ। ଖାଦ୍ୟ ପଦାର୍ଥରେ ଭିଟାମିନ୍ ଡି ପୂରାପୂରି ମିଳିପାରିନଥାଏ କିନ୍ତୁ ସାଲମନ୍ ମାଛ,ମ୍ୟାକେରେଲ ଏବଂ ସାର୍ଡ଼ିନ ଭିଟାମିନ୍ ଡିର ଭଲ ସ୍ରୋତ।

୪. ଭିଟାମିନ୍ ୬: ଏହି ଭିଟାମିନ୍ ଶରୀରର ଜୀବାଣୁ ସହ ଲଢ଼ିବାରେ ଏବଂ ଶକ୍ତି ବଜାୟ ରଖିବାରେ ସାହାଯ୍ୟ କରିଥାଏ। ବୟସ ବଢ଼ିବା ସହ ଭିଟାମିନ୍ ୬ ଶରୀର ପାଇଁ ଅତ୍ୟନ୍ତ ଜରୁରୀ ହୋଇଥାଏ। କିଛି ଅଧ୍ୟୟନରୁ ଜଣାପଡ଼ିଛି ଯେ ଭିଟାମିନ୍ ୬ ବୟସ୍କ ଲୋକଙ୍କ ସ୍ମରଣ ଶକ୍ତିକୁ ଠିକ୍ ରଖିଥାଏ। ଏହି ଭିଟାମିନର ସବୁଠୁ ଭଲ ସ୍ରୋତ ହେଉଛି କାବୁଲି ବୁଟ। ଏହା ବ୍ୟତୀତ ଫ୍ୟାଟି ଫିସ୍ ଏବଂ ଫୋର୍ଟିଫାଇଡ ଫୁଡ୍ସ ଏହି ଭିଟାମିନର ଭଲ ସ୍ରୋତ।

# ସପୁରି ବଢ଼ାଏ ରୋଗ ପ୍ରତିଷେଧକ ଶକ୍ତି

ଓଜନ କମାଇବାକୁ ସମସ୍ତେ ଚାହାନ୍ତି, କାରଣ ଓଜନ ପାଇଁ ଯେତେ ସବୁ ସମସ୍ୟା । ଆଜି ଆମେ ଏମିତ କିଛି ଟିପ୍ସ ଦେବୁ ଯାହାଦ୍ୱାରା ଆପଣ ଓଜନ କମାଇବା ସହ ଇମ୍ୟୁନିଟି ବା ପ୍ରତିଷେଧକ ଶକ୍ତି



ବଢ଼ାଇ ପାରିବେ । ଓଜନ କମାଇବା ପାଇଁ ସବୁଠୁ ଭଲ ଉପାୟ ଆପଣଙ୍କ ଖାଦ୍ୟରେ ଅଧିକ ଫଳ ସାମିଲ କରିବା । ଫଳରେ ଫାଇବର ଓ ଭିଟାମିନ ପ୍ରଚୁର ମାତ୍ରାରେ ମିଳିଥାଏ ଯଦ୍ୱାରା ମେଟାବୋଲିଜିମ ଠିକ୍ ହୋଇଥାଏ ଏବଂ ଓଜନ କମାଇବାରେ ସାହାଯ୍ୟ ମିଳିଥାଏ । ସପୁରି ଖାଇବା ଦ୍ୱାରା ମିଳିଥାଏ ଏହି ଫାଇଦା-

- ମୋଟାପଣ କମ କରିବା ପାଇଁ ସପୁରୀ ଖାଇବା ଜରୁରୀ ଅଟେ। ଏହାଦ୍ୱାରା ଓଜନ କମିବା ସହିତ ହାଡ଼ ମଧ ମଜଭୁତ ହୋଇଥାଏ।
- ସପୁରୀରୁ ମିଳିଥାଏ ବହୁତ ମାତ୍ରାରେ ଫାଇବର ଯାହାଦ୍ୱାରା ପାଚନ ତନ୍ତ ମଜବୁତ ହୋଇଥାଏ।
- ସପୁରୀ ଖାଇବା ଦ୍ୱାରା ଶରୀରରେ ଲେପଟିନ ହର୍ମାନ କମ ହୋଇଥାଏ ଯଦ୍ୱାରା ଓଜନକୁ ନିୟନ୍ତ୍ରଣ କରାଯାଇ ପାରେ। ଯାହାଙ୍କର ଓଜନ ଅଧିକ ହୋଇଥାଏ ତାଙ୍କ ଶରୀରରେ ଲେପଟିନର ମାତ୍ରା ଅଧିକ ହୋଇଥାଏ ।
- ହାଡ଼ ମଜଭୁତ କରିବା ପାଇଁ ଆପଣଙ୍କୁ ସପୁରି ନିଶ୍ଚିତ ଭାବରେ ଖାଇବା ଆବଶ୍ୟକ। ଏଥିରେ ମାଗ୍ନେସିଅମ ଏବଂ କ୍ୟାଲସିୟମ ରହିଥାଏ ଯାହା ହାଡର ଦୁର୍ବଳତାକୁ ଦୂର କରିଥାଏ ।
- ସପୁରୀରେ ଏଣ୍ଟିଇଂଫ୍ଲେମେଟରୀ ଗୁଣ ମିଳିଥାଏ ଯାହାଦ୍ୱାରା ଆସ୍ଥମା ସମସ୍ୟା ଦୂର ହୋଇଥାଏ। କୌଣସି ଅଙ୍ଗ ଫୁଲି ଯାଇଥିଲେ, ସପୁରି ଖାଇବା ଦ୍ୱାରା ଭଲ ହୋଇଯାଇଥାଏ।
- ସପୁରୀ ଇମ୍ୟୁନିଟି ବଢ଼ାଇବାରେ ସାହାଯ୍ୟ କରିଥାଏ। ଏହାକୁ ଖାଇବା ଦ୍ୱାରା ଥଣ୍ଡା କାଶ ଏବଂ ଜ୍ୱର ଭଳି ସମସ୍ୟାରୁ ମୁକ୍ତି ମିଳିଥାଏ। ସପୁରୀ ଖାଇବା ଦ୍ୱାରା କ୍ୟାନସର ଭଳି ଗମ୍ଭୀର ରୋଗର ବିପତ୍ତି ଠାରୁ ରକ୍ଷା ମିଳିଥାଏ।

ମହାଭାରତ
# ନଗରନକ୍ସା
ମହାନଗରର ନିଜ ଭାଷା



## ବିକଶିତ ଭାରତ ଗଠନରେ ଯୁବ ଶକ୍ତିଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି

**ଭୁବନେଶ୍ୱର,୨।୧୨ (ମହାଭାରତ):** ଭାରତ ଏକ ଯୁବ ରାଷ୍ଟ୍ର। ଯୁବ ଶକ୍ତି ହେଉଛି ରାଷ୍ଟ୍ରର ଶକ୍ତି। ବିବିଧତାରେ ଏକତା ରାଷ୍ଟ୍ରର ଶ୍ରେଷ୍ଠ ପରିଚୟ। ରାଜ୍ୟ ରାଜ୍ୟ ମଧ୍ୟରେ ସଂପର୍କ ଯେତେ ବୃଦ୍ଧି ପାଇବ ଏବଂ ଜନସାଧାରଣଙ୍କ ମଧ୍ୟରେ ଭାବର ଆଦାନ ପ୍ରଦାନ ଯେତେ ଅଧିକ ହେବ ତାହା ରାଷ୍ଟ୍ରକୁ ସେତେ ସଶକ୍ତ ଓ ସମୃଦ୍ଧ କରିବ। ବିକଶିତ ଭାରତ ଗଠନରେ ଯୁବଗୋଷ୍ଠୀଙ୍କ ଏକ ମହତ୍ୱପୂର୍ଣ୍ଣ ଭୂମିକା ରହିଛି। ସେଥିପାଇଁ ରାଜ୍ୟ ରାଜ୍ୟ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ଅଧିକରୁ ଅଧିକ ଯୁବ ଆଦାନ ପ୍ରଦାନ କାର୍ଯ୍ୟକ୍ରମକୁ ପ୍ରାଧାନ୍ୟ ଦେଇ ଆରମ୍ଭ କରାଯାଇଥିବା ଯୁବା ସଙ୍ଗମ କାର୍ଯ୍ୟକ୍ରମ ଯୁବ ଗୋଷ୍ଠୀଙ୍କ ମଧ୍ୟରେ ନୂତନ ଉତ୍ସାହ ଓ ଆଗ୍ରହ ସୃଷ୍ଟି କରିପାରିଛି ବୋଲି ରାଜ୍ୟପାଳ ଶ୍ରୀ ରଘୁବର ଦାସ ପ୍ରକାଶ କରିଛନ୍ତି।



ଆଜି ରାଜଭବନର ଅଭିଷେକ ହଲ୍‌ରେ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରାଳୟ ପକ୍ଷରୁ 'ଏକ ଭାରତ ଶ୍ରେଷ୍ଠ ଭାରତ'ର ବାର୍ତ୍ତା ଓ ସଂକଳ୍ପ ଅଧୀନରେ ଆରମ୍ଭ କରାଯାଇଥିବା 'ଯୁବା ସଙ୍ଗମ' କାର୍ଯ୍ୟକ୍ରମର ପଂଚମ ପର୍ଯ୍ୟାୟରେ ଓଡ଼ିଶା ରାଜ୍ୟ ପରିଦର୍ଶନରେ ଆସିଥିବା ମହାରାଷ୍ଟ୍ର ରାଜ୍ୟର ପଚାଶରୁ ଊର୍ଦ୍ଧ୍ୱ ଯୁବ ପ୍ରତିନିଧି ଦଳ ରାଜ୍ୟପାଳଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ପ୍ରତିନିଧି ଦଳଙ୍କୁ ଉଦ୍‌ବୋଧନ ଦେବା ଅବସରରେ ରାଜ୍ୟପାଳ ଦେଶରେ ପ୍ରଣୟନ କରାଯାଇଥିବା ଜାତୀୟ ଶିକ୍ଷାନୀତି ୨୦୨୦ ଦେଶର ସମୃଦ୍ଧ ବିବିଧତା ସଂପର୍କରେ ପ୍ରତ୍ୟକ୍ଷ ଜ୍ଞାନ ଆହରଣ ଉପରେ ପ୍ରାଧାନ୍ୟ ଦେଇଥିବା ଉଲ୍ଲେଖ କରିବା ସଙ୍ଗେ ସଙ୍ଗେ ଦେଶର ଯୁବଗୋଷ୍ଠୀଙ୍କୁ ବର୍ତ୍ତମାନର ବୈଶ୍ୱିକ ଆହ୍ୱାନକୁ ମୁକାବିଲା କରିବା ପାଇଁ ଦକ୍ଷତା ବିକାଶ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି ବୋଲି କହିଥିଲେ। ମହାରାଷ୍ଟ୍ର ଯୁବ ପ୍ରତିନିଧି ଦଳ ସେମାନଙ୍କ ଗସ୍ତ ସମୟରେ ସଂସ୍କୃତି ସଂପନ୍ନ ଓଡ଼ିଶା ରାଜ୍ୟ ସଂପର୍କରେ ଅଧିକ ତଥ୍ୟ ସଂଗ୍ରହ କରିପାରିବେ ବୋଲି ରାଜ୍ୟପାଳ କହିଥିଲେ।

ଏହି କାର୍ଯ୍ୟକ୍ରମର ରାଜ୍ୟରେ ନୋଡ଼ାଲ ଅନୁଷ୍ଠାନ ଆଇଆଇଟି, ଭୁବନେଶ୍ୱରର ଛାତ୍ର ବ୍ୟାପାରର ଡ଼ିନ୍ ପ୍ରଫେସର ରାଜେଶ ରୋଶନ ଦାସ ଯୁବା ସଙ୍ଗମ କାର୍ଯ୍ୟକ୍ରମ ଓ ମହାରାଷ୍ଟ୍ର ଯୁବ ପ୍ରତିନିଧି ଦଳ ସଂପର୍କରେ ପ୍ରାରମ୍ଭରେ ସଂକ୍ଷିପ୍ତରେ ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ମଧ୍ୟରେ ଦୁଇ ଜଣ ପ୍ରତିନିଧି ସେମାନଙ୍କର ଅଭିଜ୍ଞତା ବର୍ଣ୍ଣନା କରିଥିଲେ ଓ ରାଜ୍ୟର ଜନସାଧାରଣଙ୍କ ଆତିଥେୟତାରେ ବେଶ୍ ପ୍ରଭାବିତ ହୋଇପାରିଛନ୍ତି ବୋଲି ମଧ୍ୟ ପ୍ରକାଶ କରିଥିଲେ। ଏଠାରେ ସୂଚନାଯୋଗ୍ୟଯେ ମହାରାଷ୍ଟ୍ରରୁ ଆସିଥିବା ଯୁବ ପ୍ରତିନିଧି ଦଳ ୨୮ ନଭେମ୍ବରରୁ ୪ ଡ଼ିସେମ୍ବର ପର୍ଯ୍ୟନ୍ତ ଓଡ଼ିଶା ପରିଦର୍ଶନରେ ଅଛନ୍ତି। ଅନୁରୂପଭାବେ ଓଡ଼ିଶାର ପଚାଶରୁ ଊର୍ଦ୍ଧ୍ୱ ପ୍ରତିନିଧି ଦଳ ବର୍ତ୍ତମାନ ଯୁବା ସଙ୍ଗମ କାର୍ଯ୍ୟକ୍ରମ ଅଧୀନରେ ମହାରାଷ୍ଟ୍ର ଗସ୍ତରେ ଅଛନ୍ତି। ଯୁବା ସଙ୍ଗମ କାର୍ଯ୍ୟକ୍ରମରେ ମୁଖ୍ୟତଃ ପାଂଚୋଟି ବିଭାଗ ଯେପରି ପର୍ଯ୍ୟଟନ, ପରମ୍ପରା, ପ୍ରଗତି, ପରସ୍ପର ସଂପର୍କ ଏବଂ ପ୍ରାଦ୍ୟୋଗିକ ଉପରେ ଗୁରୁତ୍ୱ ଦିଆଯାଇଛି।

## ଖାଲି ପଡ଼ିଛି ୫୦୧୪ ଡ଼ାକ୍ତର ପଦବୀ

**ଭୁବନେଶ୍ୱର,୨।୧୨ (ମହାଭାରତ):** ଦୀର୍ଘଦିନ ଧରି ଛୁଟିରେ ଥିବା ୧୯୬ ଡାକ୍ତରଙ୍କ ବିରୁଦ୍ଧରେ ରାଜ୍ୟ ସରକାର ଙ୍କ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଡ଼ାକ୍ତର ମୁକେଶ ମହାଲିଙ୍ଗ ଆଜି ବିଧାନସଭାରେ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, ଏହି ଡାକ୍ତରମାନେ ବିଭିନ୍ନ କାରଣ ଦେଇ ବର୍ଷ ବର୍ଷ ଧରି ଛୁଟିରେ ରହିବା ଫଳରେ ରାଜ୍ୟରେ ରୋଗୀମାନେ ଚିକିତ୍ସା ସେବାରୁ ବଞ୍ଚିତ ହେଉଛନ୍ତି। ସେ କହିଛନ୍ତି ଯେ, ସେମାନଙ୍କ ଛୁଟିର ଯଥାର୍ଥ କାରଣ ନ ଥିଲେ ସେହି ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସ୍ୱାସ୍ଥ୍ୟମନ୍ତ୍ରୀଙ୍କ କହିଥିଲେ ଯେ, ରାଜ୍ୟରେ ଡାକ୍ତର ପଦବୀ ବହୁ ସଂଖ୍ୟାରେ ଖାଲି ପଡିଛି। ସେଥିମଧ୍ୟରେ ୧୧୧୪ ଜଣ ସ୍ପେଶାଲିଷ୍ଟ ଡାକ୍ତରଙ୍କ ସହିତ ୫ ହଜାର ୧୪ ଡାକ୍ତର ପଦବୀ ଖାଲି ପଡ଼ିଛି। ୩୦ଟି ଜିଲ୍ଲାର ୩୭୫ଟି ସିଏଚସିରେ ଏହି ଡାକ୍ତର ପଦବୀ ଖାଲି ପଡିଛି। ସର୍ବାଧିକ ଗଞ୍ଜାମରେ ୪୫୦ ଡାକ୍ତର ପଦବୀ ଖାଲି ପଡିଛି। ମୟୁରଭଞ୍ଜରେ ୩୦୯, ଖୋର୍ଦ୍ଧାରେ ୧୨, କଟକରେ ଏସସିବିରେ ୨୮୧ ଡାକ୍ତର ପଦବୀ ଖାଲି ପଡିଛି। ସ୍ପେଶାଲ ଡାକ୍ତର ସର୍ବାଧିକ ମୟୂରଭଞ୍ଜରେ ୮୭, ଗଞ୍ଜାମରେ ୮୭, ଖୋର୍ଦ୍ଧାରେ ୨୯, କଟକରେ ୪୩ ପଦବୀ ଖାଲି ପଡିଛି। ରାଜ୍ୟରେ ଡାକ୍ତର ନିଯୁକ୍ତି ହେଉ ନ ଥିବାବେଳେ ଏକାଧିକ ଡାକ୍ତର ଛୁଟିରେ ରହିବା ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସଙ୍କଟ ଦେଖାଦେଇଛି। ତେଣୁ ଏନେଇ କଡ଼ା ପଦକ୍ଷେପ ନିଆଯିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି।

ସ୍ୱାସ୍ଥ୍ୟ ମନ୍ତ୍ରୀ ବିଧାନସଭାରେ ଉପସ୍ଥାପନ କରିଥିବା ତଥ୍ୟ ଅନୁଯାୟୀ, ରାଜ୍ୟର ୩୦ଟି ଜିଲ୍ଲାର ୩୭୫ଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୭୮୦୬ଟି ମଞ୍ଜୁରୀପ୍ରାପ୍ତ ଡାକ୍ତରୀ ପଦ ଥିବା ବେଳେ ଏବେ ମାତ୍ର ୨୭୯୨ ଜଣ ଡାକ୍ତର କାର୍ଯ୍ୟ କରୁଛନ୍ତି। ବାକି ୫୦୧୪ଟି ଡାକ୍ତର ପଦବୀ ଖାଲି ପଡ଼ିଛି। ସେହିପରି ଏହି ୩୭୫ଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୧୫୦୦ଟି ମଞ୍ଜୁରୀପ୍ରାପ୍ତ ବିଶେଷଜ୍ଞ ଡାକ୍ତର ପଦବୀ ରହିଥିବା ବେଳେ ଏବେ ମାତ୍ର ୩୮୬ ଜଣ କାର୍ଯ୍ୟ କରୁଛନ୍ତି।

ସ୍ୱାସ୍ଥ୍ୟ ମନ୍ତ୍ରୀ ବିଧାନସଭାରେ କହିଛନ୍ତି, ଖାଲି ଥିବା ଡାକ୍ତରୀ ପଦବୀଗୁଡ଼ିକୁ ଓଏସ୍‌ଏସ୍‌ସି ଦ୍ୱାରା ଚୟନ କରାଯାଇ ପୂରଣ କରାଯିବ। ସେହିପରି ଖାଲି ପଡ଼ିଥିବା ବିଶେଷଜ୍ଞ ପଦବୀଗୁଡ଼ିକୁ ପିଜି/ଏସ୍‌ଏ।ର ସମ୍ପୂର୍ଣ୍ଣ କରି ଫେରୁଥିବା ଡାକ୍ତରମାନଙ୍କ ଦ୍ୱାରା ଯଥା ସମ୍ଭବ ପୂରଣ କରାଯିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି। ଖାଲି ପଡ଼ିଥିବା ପାରାମେଡିକାଲ ପଦବୀଗୁଡ଼ିକୁ ଓଏସ୍‌ଏସ୍‌ଏସ୍‌ସି ମାଧ୍ୟମରେ ପୂରଣ କରିବା ନିମନ୍ତେ ଆ।ବଶ୍ୟକ ପଦକ୍ଷେପ ନିଆଯାଉଛି।

## ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ

**ଭୁବନେଶ୍ୱର,୨।୧୨ (ମହାଭାରତ):** ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଡିସେମ୍ବର ୩ ତାରିଖକୁ ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ଭାବରେ ପାଳନ କରାଯିବ। ଏହି ଅବସରରେ ମାଜିକ ସୁରକ୍ଷା ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ତରଫରୁ ତିନି ଦିନଧରି ଆନ୍ତର୍ଜାତିୟ ଭିନ୍ନକ୍ଷମ ଦିବସ ପାଳନ ପାଇଁ ଆୟୋଜନ କରାଯାଇଛି। କିଟ୍ ଇନଡୋର ଷ୍ଟାଡିୟମଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏହି ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାଂସ୍କୃତିକ କାର୍ଯ୍ୟକ୍ରମର ଶୁଭ ଉଦଘାଟନ କରିଥିଲେ। ଆଣ୍ଡ୍ରି ବରେଲିଙ୍କ ଉଦାହରଣ ଦେଇ ମୁଖ୍ୟ ଅତିଥି କହିଥିଲେ ଯେ ସେ ଭିନ୍ନକ୍ଷମ ହୋଇ ସୁଦ୍ଧା ସବୁ ଭାଷାରେ ଗୀତ ଗାଇଛନ୍ତି। ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କୁ କେବଳ ଶିକ୍ଷା ଦେଇ ଛାଡି ଦେଲେ ହେବ ନାହିଁ ସେମାନଙ୍କୁ ସ୍ୱାବଲମ୍ବୀ କରିବା ସହିତ ସେମାନଙ୍କ ପାଇଁ ନିଯୁକ୍ତି ଦେବାମଧ୍ୟ ଆବଶ୍ୟକ ବୋଲି ସେ ମତ ପ୍ରକାଶ କରିଥିଲେ। ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ କହିଥିଲେ ଯେ ସେ ନୂଆପଡ଼ା ଜିଲ୍ଲାରେ ଜିଲାପାଳ ଥିଲାବେଳେ ଖାଦ୍ୟ ପାଇଁ ଯେଉଁ ଅଖା ଆସେ ସେହି ଅଖା ବିକ୍ରି କରି ଯେଉଁ ପଇସା ଆସୁଥିଲା ସେଇ ପଇସାରେ ଭିନ୍ନକ୍ଷମ ମାନଙ୍କ ପାଇଁ ଏକ ବିଦ୍ୟାଳୟ ଆରମ୍ଭ ହୋଇଥିଲେ ଏବଂ ପରବର୍ତ୍ତୀ ସମୟରେ ଏହା ଏକ ମହାଦ୍ରୁମରେ ପରିଣତ ହୋଇଥିଲା। କହିବାର ତାତ୍ପର୍ଯ୍ୟ କୌଣସି କାର୍ଯ୍ୟ ଛୋଟ ନୁହେଁ ସବୁ କାର୍ଯ୍ୟ ଛୋଟରୁ ହିଁ ବଡ ହୋଇଥାଏ। କାର୍ଯ୍ୟକ୍ରମକୁ ସାମାଜିକ ସୁରକ୍ଷା ଭିନ୍ନକ୍ଷମ ସଶକ୍ତିକରଣ ବିଭଗର ନିର୍ଦ୍ଦେଶିକା, ଶ୍ରୀମତୀ ନିୟତି ପଟ୍ଟନାୟକ, ସ୍ୱାଗତ ଭାଷଣ ଦେଇଥିବା ବେଳେ ଦୀପକ ରାଉତରାୟ, ଅତିରିକ୍ତ ଶାସନ ସଚିବ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଜ୍ଞାନ ଭିତ୍ତିକ ଧାନ ଗବେଷଣା ସମ୍ବନ୍ଧୀୟ ଆଲୋଚନାଚକ୍ର

**ଭୁବନେଶ୍ୱର,୨।୧୨ (ମହାଭାରତ):** କୃଷି ଭବନ ପ୍ରେକ୍ଷାଳୟରେ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏକ ବିଜ୍ଞାନ ଭିତ୍ତିକ ଆଲୋଚନା ଚକ୍ରରେ ଫିଲିପାଇନ୍ସ, ମାନିଲା ସ୍ଥିତ ଆନ୍ତର୍ଜାତିକ ଧାନ ଗବେଷଣା ଅନୁଷ୍ଠାନର ମହାନିର୍ଦ୍ଦେଶିକା ଡଃ ୟୋଭୋନ ପିଣ୍ଟୋ ଧାନ ଗବେଷଣା କ୍ଷେତ୍ରରେ ନୂତନ ଦିଗ ଉପରେ ଆଲୋକପାତ କରିଥିଲେ। କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡଃ ଅରବିନ୍ଦ କୁମାର ପାଢୀ, ଶ୍ରୀମତୀ ପିଣ୍ଟୋଙ୍କୁ ସ୍ୱାଗତ କରିବା ସହ ଏହି ଆଲୋଚନାଚକ୍ରର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ।

ଉପମୁଖ୍ୟମନ୍ତ୍ରୀ ତାଙ୍କ ବକ୍ତବ୍ୟରେ ଓଡିଶାରେ ଧାନ ଚାଷର ଉତ୍ପତ୍ତି ଏବଂ ଆମ ସଂସ୍କୃତି ସହ ଧାନ ଚାଷର ସମ୍ପର୍କକୁ ବାଖ୍ୟା କରିଥିଲେ। କୋରାପୁଟ ଅଂଚଳରେ ଧାନର ବିଭିନ୍ନ ପାରମ୍ପରିକ ପ୍ରଜାତିର ଉପସ୍ଥିତି କିପରି ବିଶ୍ୱ ଧାନ ଚାଷ ମାନଚିତ୍ରରେ ଓଡିଶାକୁ ଗର୍ବିତ କରୁଛି ସେ ବିଷୟରେ ମତବ୍ୟକ୍ତ କରିଥିଲେ। ଆନ୍ତର୍ଜାତିକ ଧାନ ଗବେଷଣା ଅନୁଷ୍ଠାନ ଓ ରାଜ୍ୟ ସରକାରଙ୍କ ସହଭାଗିତାରେ ଓଡିଶାରେ ଏହି ଅନୁଷ୍ଠାନର ଏକ ଗବେଷଣା ଶାଖା ଖୋଲିବାକୁ ସରକାରଙ୍କ ତରଫରୁ ସମସ୍ତ ପ୍ରକାରର ସାହାଯ୍ୟ ଯୋଗାଇ ଦେବାକୁ ପ୍ରତିଶୃତି ଦେଇଥିଲେ। ଡଃ ପିଣ୍ଟୋ ଓଡିଶା ସରକାରଙ୍କ ସହଯୋଗ ଓ ସହଭାଗିତାରେ ଆନ୍ତର୍ଜାତିକ ଧାନ ଗବେଷଣା ଅନୁଷ୍ଠାନ ଧାନ ଚାଷ ସହ ଜଡିତ ଅନେକ ସମସ୍ୟାକୁ ଓଡିଶା ଜଳବାୟୁରେ ଗବେଷଣା କରି ତାର ସମାଧାନ ନିର୍ଦ୍ଧାରଣ ଦିଗରେ ପଦକ୍ଷପ ମାନ ନେଇ ପାରୁଥିବାରୁ ରାଜ୍ୟ ସରକାରଙ୍କୁ



ଅଶେଷ ଧନ୍ୟବାଦ ଅର୍ପଣ କରିଥିଲେ। ଧାନ ଗବେଷଣା କ୍ଷେତ୍ରରେ ଜଳବାୟୁ ପରିବର୍ତ୍ତନ ସମସ୍ୟା, ପୁଷ୍ଟିକର ଧାନ ପ୍ରଜାତିର ବିକାଶ, ଧାନର ନୂତନ ପ୍ରଜାତିର ସୃଷ୍ଟି ଏବଂ ଧାନର ମୂଲ୍ୟଶୃଙ୍ଖଳର ସୃଷ୍ଟି ସହ ରପ୍ତାନି ଭିତ୍ତିକ ବଜାର ସୃଷ୍ଟି କରି ଧାନ ଚାଷ କ୍ଷେତ୍ରରେ ଓଡିଶାକୁ ଆଗେଇ ନେବାକୁ ପ୍ରତିଶୃତି ଦେଇଥିଲେ। କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ଼ ଅରବିନ୍ଦ କୁମାର ପାଢୀ କହିଥିଲେ ଯେ, ଆମ ରାଜ୍ୟ ବିଜ୍ଞାନ ଭିତ୍ତିକ କୃଷି ରୂପାନ୍ତରରେ ବିଶ୍ୱାସ କରି ଧାନ ଚାଷ ମାଧ୍ୟମରେ ରାଜ୍ୟରୁ କ୍ଷୁଧା, ଦାରିଦ୍ର୍ୟ ଓ କୁପୋଷଣକୁ ଦୂର କରିବା ସହ ଧାନ ଚାଷ ନିମନ୍ତେ ଏକ ସହନଶୀଳ କୃଷି ପରିସଂସ୍ଥାନ ସୃଷ୍ଟି କରିବାରେ ଆନ୍ତର୍ଜାତିକ ଧାନ ଗବେଷଣା ଅନୁଷ୍ଠାନ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ। ଏହି ଆଲୋଚନା ଚକ୍ରରେ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ, ଉଦ୍ୟାନ କୃଷି ନିର୍ଦ୍ଦେଶକ, ବିଭାଗୀୟ ବରିଷ୍ଠ ଓ ବୈଷୟିକ ଅଧିକାରୀ, ଓଡିଶା କୃଷି ଓ ବୈଷୟିକ ବିଦ୍ୟାଳୟର ଡିନ ଏବଂ ବୈଜ୍ଞାନିକ ଗଣ ଓ ମିଡିଆ ପ୍ରତିନିଧି ଗଣ ଯୋଗ ଦେଇଥିଲେ। ପରିଶେଷରେ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ, ପ୍ରେମ ଚନ୍ଦ୍ର ଚୌଧାରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଜେପିରେ ମିଶିଲେ ବଡମ୍ବା ବ୍ଲକ ଅଧ୍ୟକ୍ଷଙ୍କ ସମେତ ବିଜେଡ଼ି କର୍ମୀ

**ଭୁବନେଶ୍ୱର,୨।୧୨ (ମହାଭାରତ):** ପ୍ରତିଦିନ ବିଜେପିର ସାଂଗଠନିକ ଶକ୍ତି ବୃଦ୍ଧି ପାଉଛି । ବିଜେପି ସରକାର ଉପରେ ଓଡ଼ିଶାବାସୀଙ୍କ ଆସ୍ଥା ଓ ବିଶ୍ୱାସ ବୃଦ୍ଧି ପାଇବାରେ ଲାଗିଛି । ବିଜେପିର ନୂଆ ସରକାରକୁ ନେଇ ଓଡ଼ିଶାବାସୀଙ୍କ ମନ ଭିତରେ ଉତ୍ସାହପୂର୍ଣ୍ଣ ବାତାବରଣ ସୃଷ୍ଟି ହୋଇଛି । ଆଜି ବଡ଼ମ୍ବା ବ୍ଲକ ଅଧ୍ୟକ୍ଷ ରଘୁପତି ମହାନ୍ତି ତାଙ୍କ ସମର୍ଥକ ସହ ବିଜେଡ଼ି ଛାଡ଼ି ବିଜେପିରେ ଯୋଗଦେଇଛନ୍ତି । ବଡ଼ମ୍ବା ବିଧାୟକ ବିଜୟ ଦଳ ବେହେରା ନେତୃତ୍ୱରେ ମାଣିଆବନ୍ଧ ୩୧ନଂ.ଜୋନ୍ ଜିଲା ପରିଷଦ ସଭ୍ୟ ନୟନା ସାହୁଙ୍କ ସମେତ ବଡମ୍ବା ବ୍ଲକରୁ ୨୪ ଜଣ ସମିତି ସଭ୍ୟ, ୧୧ ଜଣ ସରପଂଚ ଏବଂ ନରସିଂହପୁର ବ୍ଲକର ୯ ଜଣ ସରପଂଚଙ୍କ ସମେତ ବଡମ୍ବା ବ୍ଲକ ଯୁବ ବିଜେଡି ସଭାପତି ଆଲୋକ ସାହୁ ପ୍ରମୁଖ ଆଜି ଆନୁଷ୍ଠାନିକ ଭାବେ ବିଜେପିରେ ସାମିଲ ହୋଇଛନ୍ତି ।



ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ ସମସ୍ତ ନୂତନ ସଦସ୍ୟଙ୍କୁ ଟୋପି ଓ ଉତରୀୟ ପ୍ରଦାନ କରି ସ୍ୱାଗତ ଜଣାଇଥିଲେ ।

ବଡମ୍ବା ବ୍ଲକର ନିର୍ବାଚିତ ସମିତି ସଭ୍ୟ ସୀମାରାଣୀ ନାୟକ, ରାଜେଶ ଦଳେଇ, ଲିଲି ସେଠୀ, ବିଭୂତି ଭୂଷଣ ଜେନା, ମନସ୍ୱିନୀ ଜେନା, ଲକ୍ଷ୍ମୀଧର ପଣ୍ଡା, ସୁନିତା ଚୌଧୁରୀ, ହରିହର ବେହେରା, ଜ୍ୟୋତିର୍ମୟୀ ବିଶ୍ୱାଳ, ସମୀର କୁମାର ସେନାପତି, ଅକ୍ଷୟ କୁମାର ଦାଶ, ଗୋଲାପ ସାହୁ, ନାରାୟଣ ଜେନା, ମନୋଜ କୁମାର ବେହେରା, ମମତା ବେହେରା, ସମୀର କୁମାର ପ୍ରଧାନ, ରିଲି ବେହେରା, ସୁଚିତ୍ରା ପାଣିଗ୍ରାହୀ, କବିତା ବାରିକ, ଚନ୍ଦ୍ରମା ପଂଗାରି, ଅଲେଖା ପ୍ରଧାନ, ରଘୁପତି ମହାନ୍ତି, ସୁବାସ ଚନ୍ଦ୍ର ନାୟକ, ଚିନ୍ତାମଣି ସାମଲଙ୍କ ସମେତ ସରପଂଚ ଆଲୋକ କୁମାର ସାହୁ, କମଳଲୋଚନ ସଂଗ୍ରାମସିଂହ, ରାଇକିଶୋର ପୁହାନ, ସୁଶାନ୍ତ କୁମାର ବେହେରା, ତ୍ରିର୍ଥବଳୀ ରାଉତ, ମମତା ଜେନା, ପ୍ରମୋଦିନୀ ବେହେରା, କଳ୍ପନା ଚୌଧୁରୀ, ରୁପା ସାମଲ, ଜୋଷ୍ଣାମୟୀ ବିଶ୍ୱାଳ, ଜୋଷ୍ଣାମୟୀ ପ୍ରଧାନ ପ୍ରମୁଖ ବିଜେଡି ପରିତ୍ୟାଗ କରି ବିଜେପିରେ ସାମିଲ ହୋଇଛନ୍ତି । ସେହିପରି ନରସିଂହପୁର ବ୍ଲକର ସରପଂଚ ଶରତଚନ୍ଦ୍ର ଖଟୁଆ, ସାବିତ୍ରୀ ପ୍ରଧାନ, ଝୁନୁଲତା ପ୍ରଧାନ, ଲୁସି ପ୍ରଧାନ, କାର୍ତିକ ଚନ୍ଦ୍ର ଦଳେଇ, ବିନୋଦ କୁମାର ପଣ୍ଡା, ରଶ୍ମିତା ପଣ୍ଡା, ସ୍ୱାଗତିକା ରାଉତ, ସନ୍ତୋଷୀ ନାୟକ ପ୍ରମୁଖ ବିଜେପିରେ ଯୋଗଦେଇଛନ୍ତି ।

ବିଜେପିରେ ସାମିଲ ହୋଇଥିବା ନୂତନ କର୍ମକର୍ତାମାନେ ବିଜେଡ଼ି ସମନ୍ୱୟ କମିଟି ଅଧ୍ୟକ୍ଷ ତଥା ପୂର୍ବତନ ବିଧାୟକ ଦେବୀ ମିଶ୍ରଙ୍କ ଘନିଷ୍ଠ ସହଯୋଗୀ ଥିଲେ । ଫଳରେ ତାଙ୍କୁ ବଡ଼ ଝଟକା ଲାଗିଛି । ଏହି ଅବସରରେ ବିଧାୟକ ବିଜୟ କୁମାର ଦଳବେହେରା ବିଜେଡିର ପୂର୍ବତନ ବିଧାୟକ ମିଶ୍ରଙ୍କ ଉପରେ ବର୍ଷିଥିଲେ । ମିଶ୍ର ଯାହା ଭୁଲ କରିଛନ୍ତି ତାହାର ଫଳ ପାଇଛନ୍ତି । ଏବେ ସେ ପ୍ରାୟଶ୍ଚିତ କରିବା ଆବଶ୍ୟକ ବୋଲି ଶ୍ରୀ ଦଳବେହେରା କହିଥିଲେ । ରାଜ୍ୟ ସଭାପତି ଶ୍ରୀ ସାମଲ କହିଥିଲେ, ସମାଜରେ ଅନେକ ସମସ୍ୟା ରହିଛି, ଏହାର ସମାଧାନ କରି ଲୋକଙ୍କ ପାଖରେ କିପରି ସରକାରୀ ଯୋଜନାଗୁଡ଼ିକ ସହଜରେ ପହଂଚିପାରିବ ସେଥିପ୍ରତି ଧ୍ୟାନ ଦେବାକୁ ନୂତନ କର୍ମକର୍ତାଙ୍କୁ ପରାମର୍ଶ ଦେଇଥିଲେ ।

## ଅଖିଳ ଭାରତୀୟ ସାହିତ୍ୟ ପରିଷଦ ପକ୍ଷରୁ ସମ୍ବର୍ଦ୍ଧନା

**ଭୁବନେଶ୍ୱର,୨।୧୨ (ମହାଭାରତ):** ଭାଷା ସାହିତ୍ୟ କ୍ଷେତ୍ରରେ ଭାରତ ବର୍ଷର ଅଗ୍ରଣୀ ସାହିତ୍ୟ ସଙ୍ଗଠନ ଅଖିଳ ଭାରତୀୟ ସାହିତ୍ୟ ପରିଷଦ, ଓଡ଼ିଶା ପକ୍ଷରୁ ଏକ ଅଭିନବ କାର୍ଯ୍ୟକ୍ରମ ସାହିତ୍ୟ ସମ୍ବର୍ଦ୍ଧନ ଯାତ୍ରା ପୁରୀ ଠାରେ ୩୦ ନଭେମ୍ବର ୨୦୨୪ ପ୍ରାତଃ ୯ ଘଟିକାରୁ ଆରମ୍ଭ ହୋଇ ୧ ଡିସେମ୍ବର ୨୦୨୪ ଅପରାହ୍ଣ ୪ଟାରେ ଗୋପବନ୍ଧୁଙ୍କ ସମାଧିପୀଠ ସାକ୍ଷୀଗୋପାଳଠାରେ ଉଦ୍ଯାପିତ ହୋଇଯାଇଛି। ପ୍ରଥମ ଦିବସରେ ଓଡ଼ିଶାର ୧୫ଟି ଜିଲ୍ଲାରୁ ଆସିଥିବା ବିଶିଷ୍ଟ ସାହିତ୍ୟିକ, କବି, ପ୍ରାବନ୍ଧିକ, ସ୍ତମ୍ଭକାର ଓ ଗବେଷକମାନେ ପୁରୀ ଗୁଣ୍ଡିଚା ମନ୍ଦିର ସନ୍ନିକଟ ଶ୍ରୀ ଚୈତନ୍ୟ ଚନ୍ଦ୍ରାଶ୍ରମ ପରିସରରେ ସମବେତ ହୋଇ ଏ କାର୍ଯ୍ୟକ୍ରମର ଉଦ୍ଘାଟନ ଉତ୍ସବରେ ଯୋଗ ଦେଇଥିଲେ। ଏହି ଉତ୍ସବ ପୁରୀର ବିଶିଷ୍ଟ ବୁଦ୍ଧିଜୀବୀ ପ୍ରଳୟ କୁମାର ନନ୍ଦ, ତିରୁପତି କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକ ସତ୍ୟ ନାରାୟଣ ଆଚାର୍ଯ୍ୟ ଏବଂ ପରିଷଦର ଉପାଧ୍ୟକ୍ଷ ଡକ୍ଟର ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀଙ୍କ ଦ୍ୱାରା ଉଦ୍ଘାଟିତ ହୋଇଥିଲା। ପ୍ରଥମେ ଓଡ଼ିଶାର ପ୍ରାତଃସ୍ମରଣୀୟ ମହାପୁରୁଷ ଶ୍ରୀ ଶ୍ରୀ ଜଗନ୍ନାଥ ଦାସଙ୍କର ଜନ୍ମପୀଠ କପିଳେଶ୍ୱରପୁର ଶାସନକୁ ସାହିତ୍ୟିକମାନେ ଯାତ୍ରା କରି ସେଠାକାର ଗ୍ରାମ, ଗ୍ରାମର ପରିବେଶ, ଗ୍ରାମର ସମାଜିକ ସ୍ଥିତି, ଚଳଣି, ଗ୍ରାମର ବରିଷ୍ଠ ବୁଦ୍ଧିଜୀବୀ ଏବଂ ମୁରବିମାନଙ୍କ ସହିତ କଥାବାର୍ତ୍ତା କରି ମହାପ୍ରଭୁ ଜଗନ୍ନାଥ ଦାସଙ୍କର ଉତ୍କଳ ପାଇଁ ଅବଦାନ ସମ୍ପର୍କରେ ତାଙ୍କର ପୀଠରେ ଆଲୋଚନା କରିଥିଲେ। ଆନନ୍ଦର ବିଷୟ ସେହି ଗ୍ରାମର କତିପୟ ଯୁବକ ସାହିତ୍ୟିକ ମାନଙ୍କୁ ସ୍ୱାଗତ କରିଥିଲେ ଏବଂ ଭାବର ଆଦାନ ପ୍ରଦାନ ହୋଇଥିଲା।

ଏହା ପରେ ସାହିତ୍ୟିକମାନେ ଶ୍ରୀ ଜଗନ୍ନାଥ ଦାସଙ୍କ ସାଧନା ପୀଠ ବାସେଳୀ ସାହି ସ୍ଥିତ ବଡ଼ ଓଡ଼ିଆ ମଠ ଓ ସାତ ଲହଡ଼ି ମଠକୁ ଯାତ୍ରା କରିଥିଲେ। ଉପରୋକ୍ତ ଦୁଇ ମଠର ଜରାଜୀର୍ଣ୍ଣ ଅବସ୍ଥା ଦେଖି ମନ ବଡ଼ ଭାରାକ୍ରାନ୍ତ ହୋଇଥିଲା ଏବଂ ସମସ୍ତ ସାହିତ୍ୟିକ ମଧ୍ୟ କ୍ଷୋଭ ପ୍ରକାଶ କରିଥିଲେ। ଦ୍ୱିତୀୟ ଦିନର ପ୍ରାରମ୍ଭରେ ସାହିତ୍ୟିକମାନେ ପୁରୀ ନଗରର ଅନ୍ୟାନ୍ୟ ବୁଦ୍ଧିଜୀବୀଙ୍କ ସହିତ ପଂଚସଖା ଯୁଗର ଅଗ୍ରଜ ସାଧକ କୃପାସିନ୍ଧୁ ବଳରାମ ଦାସଙ୍କ ସାଧନାର ପୀଠ ସମଗରା ପାଟକୁ ଯାତ୍ରା କରିଥିଲେ। ତାହାର ଅବହେଳିତ ଅବସ୍ଥା ଦେଖି ସମସ୍ତ ସାହିତ୍ୟିକ ଦୁଃଖ ପ୍ରକାଶ କରିଥିଲେ।ସେଠାରୁ ସାହିତ୍ୟିକମାନେ ଯାତ୍ରା କରିଥିଲେ ଗୋପବନ୍ଧୁଙ୍କ ଜନ୍ମଭୂମି ସୁଆଣ୍ଡୋକୁ। ଯାହାହେଉ ସେଠାରେ ସରକାରଙ୍କ ଦ୍ୱାରା ବହୁ କାର୍ଯ୍ୟ ହୋଇଥିବାରୁ ସମସ୍ତେ ଆନନ୍ଦ ପ୍ରକଟ କରିଥିଲେ। ସେଠାରୁ ସାହିତ୍ୟିକମାନେ ସତ୍ୟବାଦୀଠାରେ ଥିବା ଓଡ଼ିଆ ବିଶ୍ୱବିଦ୍ୟାଳୟକୁ ଯାଇଥିଲେ।

### ଧାନକିଣା ନିମନ୍ତେ ସଚେତନତା
## ପ▯ାୟତରେ ନିୟୋଜିତ ସାଂସ୍କୃତିକ ଦଳ

**ଭୁବନେଶ୍ୱର,୨।୧୨ (ମହାଭାରତ):** ଚଳିତ ଖରିଫ ଋତୁରେ ଧାନ ବିକ୍ରୟ ନିମନ୍ତେ ଚାଷୀମାନଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି ପାଇଁ ସରକାର ସମସ୍ତ ପଦକ୍ଷେପ ଗ୍ରହଣ କରିଛନ୍ତି । ଚାଷୀ ମାନେ ପଞ୍ଜିକରଣ ଠାରୁ ଆରମ୍ଭ କରି ଟୋକନ ପାଇବା, ଧାନର ମାନ ଓ ଧାନ ବିକ୍ରୟ, ସର୍ବନିମ୍ନ ସାଧାରଣ ମୂଲ୍ୟ ପାଇବା ଆଦି ସମ୍ପର୍କରେ ତୃଣମୂଳ ସ୍ତରରେ ସଚେତନତା ସୃଷ୍ଟି କରାଯାଉଛି । ରାଜ୍ୟର ସମସ୍ତ ବ୍ଲକ ଓ ଜିଲ୍ଲା ସ୍ତରରେ ସଚେତନତା ପାଇଁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ସଚେତନତା ସୃଷ୍ଟି ପାଇଁ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ଜିଲ୍ଲା ଓ ବ୍ଲକ ମୁଖ୍ୟାଳୟରେ ହୋଡିଂ ଲଗାଯାଇ ଚାଷୀ ମାନଙ୍କ ଉନ୍ନତି ପାଇଁ ସରକାର ନେଇଥିବା ବିଭିନ୍ନ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ବାର୍ତ୍ତା ଦିଆଯାଉଛି । ଏପରିକି ମଣ୍ଡି ଗୁଡିକରେ ମଧ୍ୟ ପୋଷ୍ଟର ଓ ଫ୍ଲେକ୍ସ ଦ୍ୱାରା ଚାଷୀ ମାନଙ୍କୁ ଧାନ ବିକ୍ରି ସଂକ୍ରାନ୍ତୀୟ ବିଭିନ୍ନ ଉପାଦେୟ ତଥ୍ୟ ପ୍ରଦାନ କରାଯାଉଛି । ଧାନ ବିକ୍ରୟ ନୀୟମ ଓ ଅଭିଯୋଗ କରିବାର ମାଧ୍ୟମ ସମ୍ପର୍କରେ ପତ୍ରିକା ଦ୍ୱାରା ସୂଚନା ଦିଆଯାଉଛି ।

ଏତଦବ୍ୟତୀତ ସମ୍ପୃକ୍ତ ଜିଲ୍ଲାରେ ଅନୁଷ୍ଠିତ ପର୍ବପର୍ବାଣି ଓ ଉତ୍ସବ ସମୟରେ ମଧ୍ୟ କୃଷକ ମାନଙ୍କୁ ସଚେତନତା କରାଯାଉଛି । ବିଭିନ୍ନ ଅଡିଓ ଓ ଭିଡିଓ ଭ୍ୟାନ ମାଧ୍ୟମରେ ସେହି ଜିଲ୍ଲାରେ ଧାନ କିଣା ନିମନ୍ତେ ନିର୍ଦ୍ଧାରିତ ତାରିଖ ଓ ପ୍ରକ୍ରିୟା ସମ୍ପର୍କରେ ସୂଚନା ପ୍ରଦାନ କରାଯଉଛି ।

## ସୂଚନା ପ୍ରଯୁକ୍ତି, ଆଇଟି ସେବା ଓ ସେମିକଣ୍ଡକ୍ଟର କ୍ଷେତ୍ରକୁ ଗୁରୁତ୍ୱ

**ଭୁବନେଶ୍ୱର,୨।୧୨ (ମହାଭାରତ):** ସିଙ୍ଗାପୁରସ୍ଥିତ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ ଏଜୁକେସନ ଆ।ଣ୍ଡ ଏଜୁକେସନ ସର୍ଭିସେସ୍ (ଆ।ଇଟିଇଏସ୍)ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୁରେଶ ନଟରାଜନଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଆ।ଜି ଓଡ଼ିଶା ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବ ମନୋଜ ଆ।ହୁଜାଙ୍କୁ ସାକ୍ଷାତ କରିବା ସହ ଏକ ବୈଠକରେ ଯୋଗଦେଇଥିଲେ। ସେମିକଣ୍ଡକ୍ଟର ଶିଳ୍ପର ବ୍ୟାପକତା ଏବଂ କ୍ରମାଗତ ଭାବେ ବୃଦ୍ଧି ପାଉଥିବା ପ୍ରଯୁକ୍ତିବିଦ୍ୟାକୁ ଶକ୍ତି ଯୋଗାଇବାର ଗୁରୁତ୍ୱ ଦୃଷ୍ଟିରୁ ଉଭୟ ଓଡ଼ିଶା ତଥା ସମଗ୍ର ଦେଶରେ ସେମିକଣ୍ଡକ୍ଟର ଏବଂ ଆ।ନୁଷଙ୍ଗିକ କ୍ଷେତ୍ରରେ ଦକ୍ଷ ମାନବ ସମ୍ବଳର ବଢୁଥିବା ଚାହିଦାକୁ ଦୃଷ୍ଟିରେ ରଖି ଓଡ଼ିଶାରେ ସୂଚନା ଓ ପ୍ରଯୁକ୍ତି ଏବଂ ଆ।ଇଟି-ସକ୍ଷମ ସେବାଏବଂ ସେମିକଣ୍ଡକ୍ଟର କ୍ଷେତ୍ରରେ ପ୍ରଶିକ୍ଷଣ ପାଇଁ ପ୍ରସ୍ତାବ ଅନୁଷ୍ଠିତ ବୈଠକରେ ଦିଆ।ଯାଇଥିଲା ।

ପ୍ରଧାନମନ୍ତ୍ରୀଙ୍କ ସିଙ୍ଗାପୁର ଗସ୍ତ ବେଳେ ଆ।ନ୍ତର୍ଜାତିକ ସ୍ତରୀୟ ଦକ୍ଷତା ବୃଦ୍ଧି ପାଇଁ ବିଶ୍ୱ ଦକ୍ଷତା କେନ୍ଦ୍ରରେ ଇଣ୍ଟର୍ଣ୍ଣମାନଙ୍କ ସହ ତାଙ୍କର ବାର୍ତ୍ତାଳାପ ଏବଂ ପରବର୍ତ୍ତୀ ସମୟରେ ନିକଟରେ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସହିତ ଓଡ଼ିଶାର ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ଏବଂ ମୁଖ୍ୟ ଶାସନ ସଚିବଙ୍କ ଆ।ଇଟିଇଏସ୍, ସିଙ୍ଗାପୁର ଗସ୍ତ ଏବଂ ଆ।ଲୋଚନା ଆ।ଧାରରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା।




ଶିଳ୍ପ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ଏବଂ ରାଜ୍ୟକୁ ଉନ୍ନତ ଉତ୍ପାଦନର କେନ୍ଦ୍ର ଭାବରେ ଅବସ୍ଥାପିତ କରିବା ସଂପର୍କରେ ଓଡ଼ିଶା ସରକାର ରଣନୈତିକ ଗୁରୁତ୍ୱ ସହିତ ଏହି କ୍ଷେତ୍ରରେ ଏକ ଦକ୍ଷ ଶ୍ରମଶକ୍ତିର ବିକାଶକୁ ସର୍ବୋଚ୍ଚ ପ୍ରାଥମିକତା ଦେଇଛନ୍ତି। ଉତ୍ପାଦ କିମ୍ବା ସେବା ସୃଷ୍ଟି କରିବା ପାଇଁ ଉନ୍ନତ ଜ୍ଞାନକୌଶଳ ଆ।ବଶ୍ୟକ କରୁଥିବା ହାଇଟେକ୍ ଶିଳ୍ପଗୁଡ଼ିକର ପ୍ରତିଭା ସମ୍ପନ୍ନ ଦକ୍ଷ ମାନବ ସମ୍ବଳର ଆ।ବଶ୍ୟକତାକୁ ପୂରଣ କରିବା ଉଦ୍ଦେଶ୍ୟରେ 'ସ୍କିଲ୍ଡ ଇନ୍ ଓଡ଼ିଶା' ଅଭିଯାନ ଅଧୀନରେ ଏକ ସୁଦୃଢ଼ ଇକୋସିଷ୍ଟମ୍ ସୃଷ୍ଟି କରିବାର ବ୍ୟାପକ ଦୃଷ୍ଟିକୋଣ ସହ ଏହା ଯୋଡ଼ି ହୋଇଛି। ସ୍ୱତନ୍ତ୍ର ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ପୁଞ୍ଜିନିବେଶ କରି ଏବଂ ଶିଳ୍ପ ଭାଗିଦାରୀ ସ୍ଥାପନ କରି ଓଡ଼ିଶା ସେମିକଣ୍ଡକ୍ଟର ମୂଲ୍ୟ ଶୃଙ୍ଖଳାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ଯାଉଛି ଏବଂ ଏହି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଏହା ଦେଶର ଆ।ତ୍ମନିର୍ଭରଶୀଳତାରେ ପ୍ରମୁଖ ଯୋଗଦାନ କରିବାକୁ ଲକ୍ଷ୍ୟ ରଖିଛି। ସିଙ୍ଗାପୁରର ପ୍ରତିନିଧିଙ୍କ ସହ ଅନୁଷ୍ଠିତ ଅନୁଷ୍ଠିତ ହୋଇଯାଇଥିବା ଏହି ବୈଠକରେ ଓଡ଼ିଶା ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ଏନ୍.ବି.ଏସ୍.ରାଜପୁତ, ଇଲେକ୍ଟ୍ରୋନିକ୍ସ ଓ ଆ।ଇଟି ବିଭାଗର ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ, ଓଡ଼ିଶା ସରକାରଙ୍କ ମୁଖ୍ୟ ଦକ୍ଷତା ଅଧିକାରୀ ବ୍ରୁସ୍ ପୋହ ଏବଂ ଏସଡିଟିଇ ବିଭାଗର ଅତିରିକ୍ତ ଶାସନ ସଚିବ ତଥା ବିଶ୍ୱ ଦକ୍ଷତା କେନ୍ଦ୍ରର ମୁଖ୍ୟ ପରିଚାଳନା ଅଧିକାରୀ ପିନାକୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିନିଧିମାନେ ଓଡ଼ିଶା ତଥା ବିଶ୍ୱ ଦକ୍ଷତା କେନ୍ଦ୍ରରେ ଚାଲିଥିବା ବିଭନ୍ନ କାର୍ଯ୍ୟକ୍ରମରେ ସନ୍ତୋଷ ବ୍ୟକ୍ତ କରିବା ସହ ଓଡ଼ିଶାର ଦକ୍ଷତା ଇକୋସିଷ୍ଟମକୁ ଆ।ହୁରି ଉନ୍ନତ କରିବା ପାଇଁ ନିରନ୍ତର ବୈଶ୍ୱିକ ଭାଗିଦାରୀର ଆ।ବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଆ।ଇଟିଇଏସ୍ ର ସିଇଓ ଏବଂ ଓଡ଼ିଶା ସରକାରଙ୍କ ମୁଖ୍ୟ ଦକ୍ଷତା ଅଧିକାରୀ ମଧ୍ୟ ଏହି ଆ।ବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ଆ।ଇଟି-ଆ।ଇଟିଇଏସ୍ ଏବଂ ସେମିକଣ୍ଡକ୍ଟର କ୍ଷେତ୍ରରେ ପ୍ରଶିକ୍ଷଣ ପାଇଁ ଉଭୟ କର୍ତ୍ତୃପକ୍ଷଙ୍କ ସହଯୋଗରେ ଖୁବ୍ ଶୀଘ୍ର ଏକ ବିସ୍ତୃତ ପ୍ରସ୍ତାବ ଦାଖଲ କରାଯିବା ସମ୍ପର୍କରେବୈଠକରେ ଆ।ଲୋକପାତ କରାଯାଇଥିଲା।

# ବାଂଲାଦେଶ ହେବ ଇସଲାମିକ ରାଷ୍ଟ୍ର

ହାସିନାଙ୍କୁ ବିତାଡ଼ିତ କରିବା ନିମନ୍ତେ ଉଭୟ ଦେଶ ଭିତରେ ଏବଂ ବାହାରେ ଷଡ଼ଯନ୍ତ୍ର ରଚାଯାଇଥିଲା। ଦେଶର ମଦ୍ୟବର୍ତ୍ତୀକାଳିନ ସରକାରର ମୁଖ୍ୟ ମହମ୍ମଦ ୟୁନୁସ ଏହାକୁ ସ୍ୱୀକାର କରିଛନ୍ତି। କାରଣ ଥିଲା ହାସିନା ବାଂଲାଦେଶକୁ ମୌଳବାଦୀଙ୍କ କବଳରେ ପଡ଼ିବାକୁ ଦେଇନଥିଲେ। ସେ ଜଣେ ଆଧୁନୀକ ଚିନ୍ତାଧାରା ସମ୍ପନ୍ନ ନେତ୍ରୀ। ବାଂଲାଦେଶକୁ ଏକ ସଭ୍ୟ, ଧର୍ମନିରପେକ୍ଷ ଏବଂ ସମୃଦ୍ଧ ରାଷ୍ଟ୍ରରେ ପରିଣତ କରିବାକୁ ସେ ବରାବର ପ୍ରୟାସ କରିଆସୁଥିଲେ। ତାଙ୍କର ସବୁଠାରୁ ବଡ଼ ଅପରାଧ ଥିଲା ସେ ଭାରତ ସପକ୍ଷବାଦୀ ଥିଲେ ଏବଂ ବାଂଲାଦେଶରେ ଭାରତ ବିରୋଧୀ ଶକ୍ତିକୁ ମୁଣ୍ଡ ଟେକିବାକୁ ସୁଯୋଗ ଦେଇନଥିଲେ। ଚୀନ ବା ପାକିସ୍ତାନର ଇଙ୍ଗିତରେ ସେ ପରିଚାଳିତ ହେଉନଥିଲା। ଚୀନ ବାଂଲାଦେଶକୁ ଋଣ ଯନ୍ତାରେ ପକାଇବାକୁ ବହୁବାର ଉଦ୍ୟମ କରିଥିଲା। କିନ୍ତୁ ସେ ଏହାକୁ ସୁଯୋଗ ଦେଇନଥିଲେ। ଏକ ସ୍ୱାଧୀନ ଗଣତାନ୍ତ୍ରିକ ରାଷ୍ଟ୍ରଭାବେ ।ସ ବାଂଲାଦେଶକୁ ଗଢ଼ିବା ନିମନ୍ତେ ପ୍ରୟାସ କରୁଥିଲେ। ଏହାକୁ ଅନେକ ସହ୍ୟ କରିନପାରି ହାସିନାଙ୍କୁ ବିଦା କରିବାକୁ ପ୍ରୟାସ କରିଥିଲେ। ସେଥିରେ ସେମାନେ ସଫଳ ହେଲେ। ମହମ୍ମଦ ୟୁନୁସ ଏବେ ସେମାନଙ୍କ ହାତରେ ଜଣେ ଖେଳଣା ଭଳି ହୋଇଛନ୍ତି। ନିଜସ୍ୱ ନିଷ୍ପତ୍ତି ନେବାର ଅଧିକାର ବା କ୍ଷମତା ତାଙ୍କର ନାହିଁ। ତାଙ୍କ କଥାକୁ ମଧ୍ୟ କେହି ମାନିବାକୁ ପ୍ରସ୍ତୁତ ନାହାଁନ୍ତି। ଏବେ ବାଂଲାଦେଶରେ ଏକ ନୂଆ ଉଦ୍ୟମ ଆରମ୍ଭ ହୋଇଛି। ଦେଶର ସମ୍ବିଧାନରୁ ଧର୍ମନିରପେକ୍ଷ ଶବ୍ଦ ହଟାଇବାକୁ ପ୍ରସ୍ତାବ ଆସିଛି। ବାଂଲାଦେଶର ଆଟର୍ଣ୍ଣି ଜେନରାଲ ଏହି ପ୍ରସ୍ତାବ ରଖିଛନ୍ତି। ତାଙ୍କ କହିବାନୁଯାୟୀ ଦେଶର ମୋଟ ଜନସଂଖ୍ୟାର ୯୦ ପ୍ରତିଶତ ହେଉଛନ୍ତି ମୁସଲମାନ। ତେଣୁ ଏହାକୁ ଧର୍ମନିରପେକ୍ଷ ରାଷ୍ଟ୍ର ପରିବର୍ତ୍ତେ ଏକ ମୁସଲମାନ ରାଷ୍ଟ୍ର ବୋଲି କୁହାଯିବା ଉଚିତ। ଏହା ସହିତ ବାଂଲାଦେଶର ପ୍ରତିଷ୍ଠାତା ଶେଖ ମୁଜିବୁର ରହମାନଙ୍କୁ ଦିଆଯାଇଥିବା ସ୍ୱୀକୃତି ବା ସମ୍ମାନକୁ ପ୍ରତ୍ୟାହାର କରିନେବାକୁ ମଧ୍ୟ ପ୍ରସ୍ତାବ ଆସିଛି। ଏଥିରୁ ହାସିନାଙ୍କୁ ବିଦା କରିବା ପଛରେ ମୌଳବାଦୀଙ୍କ ଅସଲ ଉଦ୍ଦେଶ୍ୟ ସ୍ପଷ୍ଟ ହୋଇଯାଇଛି। ହାସିନା ବାଂଲାଦେଶର ପ୍ରଧାନମନ୍ତ୍ରୀ ପଦରେ ଥିଲା ପର୍ଯ୍ୟନ୍ତ ଏହା ସମ୍ଭବ ହୋଇନଥାନ୍ତା। ତେଣୁ ତାଙ୍କୁ ପ୍ରଥମେ କ୍ଷମତାରୁ ବିଦା କରାଗଲା। ହାସିନା ବିଦା ହେବା ପରେ ବାଂଲାଦେଶରେ ହିନ୍ଦୁମାନଙ୍କ ପ୍ରତି ଅତ୍ୟାଚାର ବଢ଼ିଛି। ଅନେକ ହିନ୍ଦୁଙ୍କୁ ହତ୍ୟାର ଶିକାର ହେବାକୁ ପଡ଼ିଛି। ବାଂଲାଦେଶରେ ହିନ୍ଦୁଙ୍କ ସଂଖ୍ୟା ବେଶ ଅଧିକ। ହାସିନାଙ୍କ ଶାସନ କାଳରେ ସେମାନେ ବେଶ ସ୍ୱଚ୍ଛନ୍ଦରେ ଜୀବନ ଯାପନ କରୁଥିଲେ। ହାସିନାଙ୍କ ଶାସନ କାଳରେ ହିନ୍ଦୁମାନଙ୍କ ବିରୋଧରେ ଅନେକ ଷଡ଼ଯନ୍ତ୍ର ହୋଇଛି। ଅନେକ ସମୟରେ ମିଛ ପ୍ରଚାର କରାଯାଇ ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟି ପାଇଁ ଉଦ୍ୟମ କରାଯାଇଛି। କିନ୍ତୁ ଏହା ବିଫଳ ହୋଇଛି। କାରଣ ସରକାର ଏହାକୁ ପ୍ରଶ୍ରୟ ଦେଇନଥିଲେ। ଏବେ ହାସିନାଙ୍କୁ ବିଦା କରିବା ପରେ ବାଂଲାଦେଶକୁ କବଳିତ କରିବା ନିମନ୍ତେ ମୌଳବାଦୀମାନେ ଜବରଦସ୍ତ ପ୍ରୟାସ ଆରମ୍ଭ କରିଛନ୍ତି। ପାକିସ୍ତାନ ଏବଂ ଆଫଗାନିସ୍ତାନ ଭଳି ବାଂଲାଦେଶକୁ ଏକ ଇସଲାମିକ ରାଷ୍ଟ୍ରଭାବେ ଗଢ଼ିବା ନିମନ୍ତେ ପ୍ରୟାସ କରାଯାଉଛି। ଭାରତକୁ ଘେରିବା ନିମନ୍ତେ ଏଭଳି କରାଯାଉଛି। ଗତ କିଛି ବର୍ଷ ଭିତରେ ବାଂଲାଦେଶ ଲୋକଙ୍କ ମଧ୍ୟରେ ଭାରତ ବିରୋଧରେ ବିଷ ପୟୋଗ କରାଯାଇଆସୁଛି। ବିନା କାରଣରେ ବାଂଲାଦେଶର ଅନେକ ବ୍ୟକ୍ତି ଭାରତ ବିରୋଧୀ ଆଭିମୁଖ୍ୟ ଗ୍ରହଣ କରିଆସୁଛନ୍ତି।

# ଗାନ୍ଧୀ ବିଚାରଧାରା

**॥ ଦାଶରଥୀ ଶତପଥୀ ॥**

“ ପରାଧୀନତାର ବନ୍ଧନରୁ ଦେଶକୁ ମୁକ୍ତ କରିବା ପାଇଁ ନିଜର ବୃତ୍ତି ଛାଡି ତାଙ୍କର ସମଗ୍ର ଜୀବନକୁ ଦେଶ ସେବାରେଉତ୍ସର୍ଗ କରିଦେଇଥିଲେ ଏବଂ ପରାଧୀନତାରନିରାଶା ଭିତରେ ସ୍ୱାଧୀନତାର ଆଶା ସଂଞ୍ଚାର କରାଇବରେ ସଫଳ ହୋଇଥିଲେ। ସମଗ୍ର ଭାରତ ବର୍ଷ ଓ ମାନବ ଜାତି ପାଇଁ ତାଙ୍କର ଅବଦାନସ୍ୱର୍ଣ୍ଣ ଅକ୍ଷରରେ ଲିପିବଦ୍ଧ ହୋଇରହିଛି । ସ୍ୱାଧୀନତା ସଂଗ୍ରାମରେ ନିଜକୁ ଭାଗିଦାରୀ କରାଇବା ନଥିଲା କେବେହେଲେ ଉନ୍ମାଦନା,ଥିଲା କେବଳ ଜୀବନର ପୂର୍ଣ୍ଣ ନିଷ୍ପତ୍ତି । ମନପ୍ରାଣ ବ୍ୟାକୁଳିତ ହୋଇଥିଲା ଦେଶକୁ ବିଦେଶୀ ଶାସନରୁ ମୁକୁଳାଇବା ଓ ଦେଶକୁ ଗଢିବାର।

ଆମ ଦେଶ ଭାରତବର୍ଷ ବିଶ୍ୱର ସର୍ବବୃହତ ଧର୍ମ ନିରପେକ୍ଷ ଓ ଗଣତାନ୍ତ୍ରିକ ରାଷ୍ଟ୍ର । ଆମ ଦେଶର ସମ୍ବିଧାନ ସଂପୁର୍ଣ୍ଣ ଲୋକାଭିମୁଖୀ ଓ ବିଶ୍ୱରେ ବିରଳ । ଯେଉଁଥିପାଇଁ ଆମେ ଭାରତବାସୀ ବିଦେଶରେ ପ୍ରଂଶସିତ । ପ୍ରାଚୀନ ଭାରତ ବର୍ଷରେ ସାଧାରଣତନ୍ତ୍ର ପରିଚାଳିତ ଗଣରାଜ୍ୟ ସୃଷ୍ଟି ହୋଇଥିଲା ଏବଂ ଶାସକମାନେ ପ୍ରଜାମନରେ ଧର୍ମଭାବ, ସ୍ୱାଧୀନଚିନ୍ତା, ପରୋପକାର, ସ୍ୱଦେଶପ୍ରେମ ପ୍ରଭୃତି ଚିନ୍ତା ସୃଷ୍ଟି କରିପାରିଥିଲେ ଏବଂ ଗଣତନ୍ତ୍ର ସୁଦୃଢ ହୋଇରହିପାରିଥିଲା । ବିଦ୍ୱାନମାନଙ୍କ ମତରେ, ଗଣତନ୍ତ୍ର ହେଉଛି ଏକ ଶାସନ ଯେଉଁଥିରେ ସମାଜର ସବୁଠାରୁ ତଳେ ଥିବା ଲୋକଟିର ମଧ ସରକାର ଗଢିବାର ସମାନ ଅଧିକାର ଥାଏ । ସମସ୍ତେ ଏଠାରେ ସମାନ ଓ ସ୍ୱାଧିନ ଭାବରେ ଏବଂ ଦେଶ ଓ ରାଜ୍ୟର ଉନ୍ନତି ପାଇଁ ସମସ୍ତେ ଭାଗୀଦାର ହୋଇପାରିଥାନ୍ତି।

ଇତିହାସ କହେ ବିଦେଶୀମାନଙ୍କର ଭାରତବର୍ଷ ପ୍ରବେଶ ଉପରେ ଅଖଣ୍ଡ ଭାରତ ବର୍ଷରେ ଚାଲିଥିବା ସୁବର୍ଣ୍ଣ ଯୁଗର ଗତିବିଧି କ୍ରମେ କ୍ରମେ ଧୂଳିସ୍ୱା ହେବାକୁ ଲାଗିଲା । ଯୁଦ୍ଧଲୋଲୁପ ବିସ୍ତାରବାଦୀ, ଲୁଣ୍ଠନକାରୀ ବିଦେଶୀ ଭାରତ ବର୍ଷକୁ ତିଳ ତିଳ କରି ଲୁଣ୍ଠନ କରିବାକୁ ଲାଗିଲେ ଏବଂ ବିଦେଶୀ ଧର୍ମଧାରଣକୁ ନେଇ ଯୋର ଜବରଦସ୍ତ ଶାସନ ଲଦିବାରେ ସଫଳ ହେଲେ ଓ ଶାସ୍ତ୍ର ବଦଳରେ ବନ୍ଧୁକ ମୁନରେ(ଶସ୍ତ୍ରରେ) ଶାସନ ଚାଲିଲା । ଭାରତୀୟ ଗଣତନ୍ତ୍ରର ମୁଳମନ୍ତ୍ରରେ ପ୍ରତିଫଳିତ ସତ୍ୟ, ଅହିଂସା, ନ୍ୟାୟ, ସ୍ୱାଧିନତା, ସାମ୍ୟ ଓ ମୈତ୍ରୀ ଭାବଧାରାର ଦିଗ ପରିବର୍ତ୍ତନ ହୋଇଗଲା । ବିଦେଶୀ ଶାସନ ଓ ତାଙ୍କ କୁଚକ୍ରାନ୍ତରେ ବିରାଟ ଭାରତବର୍ଷ ଖଣ୍ଡବିଖଣ୍ଡିତ ଅବସ୍ଥାକୁ ଆସି ତାର ସଂସ୍କୃତି ଓ ପୂର୍ବଗୌରବ ଅସ୍ତିତ୍ୱହୀନ ହୋଇପଡିଲା । ପରାଧୀନ ଭାରତ ବର୍ଷର ସମାଜର ଚିତ୍ର ଧିରେ ଧିରେ କଳୁଷିତ ହେବା ସହ, ବିଦେଶୀ ଶାସନ ପ୍ରଭାବରେ ନାଗରିକମାନେ ଦୁଃଖ, ଦୁର୍ଦ୍ଦଶାରେ ରହି ତ୍ରାହି ତ୍ରାହି ଡାକିଲେ ।

ଏକଛତ୍ରବାଦ ଶାସନ ଭିତରେ ଶାସିତ ହୋଇ ଖଣ୍ଡ ଖଣ୍ଡ ଅବସ୍ଥାରେ ଭାରତ ବର୍ଷ ନିଜର ମୌଳିକତା ଓ ନୈତିକତା ହରାଇ ବସିଥିଲା ସତ କିନ୍ତୁ ଦୀର୍ଘ ବର୍ଷର ସଂଗ୍ରାମରେ ରାଜତନ୍ତ୍ର ଛାୟାରେ ରହି ମଧ ସତ୍ୟ, ଅହିଂସା, ନ୍ୟାୟ ଓ ନେତୃତ୍ୱ ବଳରେ ଗଣତନ୍ତ୍ରର ପ୍ରତିଷ୍ଠା ଓ ବିକାଶ କେବଳ ସାରା ପୃଥିବୀରେ ଭାରତ ବର୍ଷରେ ସମ୍ଭବ ହୋଇପାରିଥିଲା ଯାହାର ମୁଖ୍ୟ ନାୟକ ଥିଲେ ମୋହନ ଦାସ କରମଚାନ୍ଦ ଗାନ୍ଧୀ, ଯିଏକି ଜଣେ ନୀତିନିଷ୍ଠ, ଯୁଗସ୍ରଷ୍ଟା, ଦେଶପ୍ରେମୀ, ସତ୍ୟ ଓ ଅହିଂସାର ପୂଜାରୀ,ପ୍ରଗାଢ ଆଧାତ୍ମିକବାଦୀ ଓ ପ୍ରଭାବଶାଳୀ ବ୍ୟକ୍ତି ଥିଲେ ।

ପରାଧିନତାର ବନ୍ଧନରୁ ଦେଶକୁ ମୁକ୍ତ କରିବା ପାଇଁ ନିଜର ବୃତ୍ତି ଛାଡି ତାଙ୍କର ସମଗ୍ର ଜୀବନକୁ ଦେଶ ସେବାରେଉତ୍ସର୍ଗ କରିଦେଇଥିଲେ ଏବଂ ପରାଧିନତାରନିରାଶା ଭିତରେ ସ୍ୱାଧୀନତାର ଆଶା ସଂଞ୍ଚାର କରାଇବରେ ସଫଳ ହୋଇଥିଲେ । ସମଗ୍ର ଭାରତ ବର୍ଷ ଓ ମାନବ ଜାତି ପାଇଁ ତାଙ୍କର ଅବଦାନସ୍ୱର୍ଣ୍ଣ ଅକ୍ଷରରେ ଲିପିବଦ୍ଧ ହୋଇରହିଛି । ସ୍ୱାଧିନତା ସଂଗ୍ରାମରେ ନିଜକୁ ଭାଗିଦାରୀ କରାଇବା ନଥିଲା କେବେହେଲେ ଉନ୍ମାଦନା,ଥିଲା କେବଳ ଜୀବନର ପୂର୍ଣ୍ଣ ନିଷ୍ପତ୍ତି । ମନପ୍ରାଣ ବ୍ୟାକୁଳିତ ହୋଇଥିଲା ଦେଶକୁ ବିଦେଶୀ ଶାସନରୁ ମୁକୁଳାଇବା ଓ ଦେଶକୁ ଗଢିବାର । ଯାହାର ଅଲୌକିକ ଶକ୍ତିର ଆକର୍ଷଣରେ ଅଗଣିତ ନରନାରୀ ନିଜର ଭିଟାମାଟି ଓ ବୃତ୍ତି ଛାଡି ସତ୍ୟ ଓ ଅହିଂସା ପଥରେ ରହି ନିର୍ମଳ ହୃଦୟରେ ଦେଶ କାର୍ଯ୍ୟରେ ନିଜକୁ ସମର୍ପିତ କରି ସ୍ୱାଧିନତା ପାଇଁ ବିପ୍ଲବ କରିଉଠିଥିଲେ । ଯେଉଁ ବିପ୍ଲବରେ ସଂଜିବୀତ ହୋଇଥିଲା ସମାଜରୁ ସବୁପ୍ରକାର ବୈଷ୍ୟମ ଓ ବିଭେଦ ଦୂରକରି ଦଳିତ, ଶୋଷିତ, ଅତ୍ୟାଚାରିତ ଲୋକଙ୍କୁ ସମାଜରେ ସମାନ ସୁବିଧା ସୁଯୋଗର ଅଧିକାର ଓ ନ୍ୟାୟ ପାଇଁ ଏକ ନୂଆ ସମାଜ ଗଢିବାର ଅପ୍ରତିହତ ସଂକଳ୍ପ ।

ସତ୍ୟ ହିଁ ଇଶ୍ୱର,ଶ୍ରମ ହିଁ ଉପାସନା, ବ୍ୟକ୍ତି ଜୀବନକୁ ଶୃଙ୍ଖଳିତ ଓ ମାର୍ଜିତ କରି ରାଷ୍ଟ୍ର ଜୀବନକୁ ସମୃଦ୍ଧ କରିବା ସମ୍ମାନଜନକ ଓ ସମତୁଲ କରିବା ପାଇଁ ସତ୍ୟାଗ୍ରହଥିଲା ତାଙ୍କର ପ୍ରକୃଷ୍ଟ ମାର୍ଗ । ଏହି ମାର୍ଗରେ ସମଗ୍ର ଭାରତ ବର୍ଷକୁ ଏକତ୍ରୀତ କରି ବିଦେଶୀ ହାତରୁ ଶାସନ କ୍ଷମତା ଛଡାଇ ଆଣିବା ଥିଲା ତାଙ୍କ ଦର୍ଶନର ମୂଳ ଲକ୍ଷ୍ୟ; ଯେଉଁ ଦର୍ଶନରେ ଥିଲାସ୍ନେହ, ଶ୍ରଦ୍ଧା ଓ ମଣିଷକୁ ମଣିଷ ପରି ସମ୍ମାନବୋଧ କରିବା ଏବଂ ଆମ ଦେଶ ଭାରତ ବର୍ଷ ଏପରି ଏକ ଧର୍ମନିରପେକ୍ଷ ରାଷ୍ଟ୍ର ହେବ ଯେଉଁଥିରେ କୌଣସି ବ୍ୟକ୍ତି ନିଜର ଧର୍ମ,ଜାତି, ଲିଙ୍ଗ ଓ ଧନୀଦରିଦ୍ର ଭିତରେ ଭେଦଭାବର ସରବ୍ୟ ହେବନାହିଁ ।

ସତ୍ୟ, ଅହିଂସା ଓ ସତ୍ୟାଗ୍ରହକୁ ଆ ।ଦରି ନେଇ ଦେଶକୁସ୍ୱାଧିନତାରସ୍ୱାଦ ଚଖାଇବାରେ ସେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ । ତାଙ୍କର ଜନମାନସରେ ସମସ୍ତଙ୍କର ହୃଦୟକୁ ଜିଣିବାର ଶକ୍ତି ଓ ବ୍ରତରେ ବ୍ରତୀ ଥିଲେ, ସଂଯମୀ, ନିର୍ଭୀକ, ଶାନ୍ତିକାମୀ ଜୀବନ ଥିଲା ଅଲୌକିକ । ସଂପୁର୍ଣ୍ଣରୂପେ ଭୟଶୂନ୍ୟ, ପ୍ରଗାଢ ଇଶ୍ୱର ବିଶ୍ୱାସୀ, ଆଧାତ୍ମିକଚେତନାଧାରୀ ବ୍ୟକ୍ତିଭାବେ ହସି ହସି କାରା, ଗୁଳି, ଲାଠିର ସାମନା କରୁଥିଲେ । ସତ୍ୟାଗ୍ରହ ହେଉକି, ସ୍ୱଦେଶୀ ଆନ୍ଦୋଳନ ହେଉ ନିଜର ସକାରାତ୍ମକ ଗଠନମୂଳକ ଶକ୍ତିଦ୍ୱାରା ଦୁଷ୍ଟଶକ୍ତିକୁ ପରାସ୍ତକରି ସମସ୍ତଙ୍କୁ ସତ୍ୟ, ପ୍ରେମ ଓ ଅହିଂସା ବଳରେ ଏକତ୍ରିତ କରିପାରିଥିଲେ ।

ଗାନ୍ଧିଜୀଙ୍କ ଗ୍ରାମ୍ୟ ସ୍ୱରାଜ୍ୟ, ପଞ୍ଚାୟତିରାଜ ବ୍ୟବସ୍ଥା, ଗାଁକୁ ଫେରିଚାଲ, କର୍ମ ହିଁ ଭଗବାନ, ଚରିତ୍ରଯୁକ୍ତ ଶିକ୍ଷା, ଖଦୀ ଗ୍ରାମୋଦ୍ୟୋଗ, ସ୍ୱଦେଶୀ ଜିନିଷ ବ୍ୟବହାର, ଆତ୍ମନିର୍ଭରଶୀଳତା ସହିତ କୁଟୀର ଶିଳ୍ପ, କୃଷି ଓ ଜଙ୍ଗଲ ଭିତ୍ତିକ ଶିଳ୍ପର ବିକାଶ ଆଦିରେ ଆ ।ର୍ଥିକ ଉନ୍ନତି, ତାଙ୍କ ଦର୍ଶନର ମୂଳ ଆ ।ଧାରରୂପେ ପରଗଣିତ ହୋଇଥିଲା । ନାରୀ ସ୍ୱାଧିନତା,ନାରୀ ଶିକ୍ଷା ପାଇଁ ସେ ଅଧିକ ଗୁରୁତ୍ୱ ଦେଉଥିଲେ, ଯାହାଫଳରେ ଜଣେ ନାରୀ ଶିକ୍ଷିତ ହେଲେ ସମାଜରେ ନିଜର ଅଧିକାର ସାବ୍ୟସ୍ତ କରିପାରିବ ଏବଂ ତାଙ୍କର ସହନଶୀଳନା ତ୍ୟାଗ ଓ ସେବା ମନଭାବରେ ଏକ ସୁସ୍ଥ ସମାଜ ଗଠନ ହୋଇପାରିବ ।

ଗାନ୍ଧୀ ଆଦର୍ଶରେ କେବଳ ଯେ ଭାରତୀୟମାନେ ପ୍ରଭାବିତ ହୋଇଛନ୍ତି ତାହାନୁହେଁ, ବିଶ୍ୱର ତୁଙ୍ଗ ନେତାମାନେ ଯେମିତିକି ମାର୍ଟିନଲୁଥର କିଙ୍ଗ, ବାରାକ ଓବାମା ଓ ନେଲସନ ମାଣ୍ଡେଲା ପ୍ରମୁଖ ତାଙ୍କ ବ୍ୟକ୍ତିତ୍ୱରେ ଗଭୀରଭାବେ ପ୍ରଭାବିତ ହୋଇଥିଲେ ।

ଏହି ମହାମାନବଙ୍କ ସଂପର୍କରେ ଥରେ ଆଲବର୍ଟ ଆଇନଷ୍ଟାଇନ କହିଥିଲେ :- ରକ୍ତ, ମାଂସଧାରୀ ଏଭଳି ଜଣେ ବିସ୍ମୟ ମାନବ ଏକଦା ଏ ଧରାପୃଷ୍ଠରେ ଜନ୍ମ ନେଇଥିଲେ ବୋଲି ହୁଏତ ଭବିଷ୍ୟତର ବଂଶଧରମାନେ କ୍ୱଚିତ୍ ବିଶ୍ୱାସ କରିବେ । ଇତିହାସରଅନ୍ଧାର ଗର୍ଭରେ ଅନନ୍ତକାଳ ଲାଗି ସେ ଜଣେ ଅନନ୍ୟ ଉଦୟମାନ ସୂର୍ଯ୍ୟଭାବେ ତଥା ବିଶ୍ୱମାନ୍ୟତାରେ ଏକବିଂଶ ଶତାବ୍ଦୀର ବିଶ୍ୱର ଶ୍ରେଷ୍ଠ ମାନବଭାବେ ପରିଚିତ ହୋଇଥିଲେ । ଆସନ୍ତୁ ସେହି ମହାନ ବ୍ୟକ୍ତିର ନୀତି ଆ ।ଦର୍ଶରେ ଅନୁପ୍ରାଣୀତ ହୋଇ ଦେଶର ଶକ୍ତି, ସାମର୍ଥ୍ୟ ଓ ସମ୍ମାନ ବଢ଼ାଇବା ପାଇଁ ସମସ୍ତେ ବଦ୍ଧ ପରିକର ହେବା ।

ସଚିବ
ଓଡିଶା ବିଧାନସଭା
ମୋବାଇଲ ନଂ- ୯୪୩୮୦୮୧୭୧୩

# ଅମୃତ ଦୀପ୍ତି ସନ୍ତାନ ତୁମେ, ମରଣ ତୁମର କାହିଁ

**॥ ସମ୍ବିତ କୁମାର ସ୍ୱାଇଁ ॥**

ଶ୍ରୀମଦ୍ ଭାଗବତରେ ଉଲ୍ଲେଖ ଅଛି – ‘ଦେହ ବହିଲେ ନିଶ୍ଚେ ମରି, ସଂସାର ନୁହଁଇ କାହାରି। ବୃକ୍ଷର ତଳେ ଜେହ୍ନେ ଆସି, ପଥକୁ ବିଶ୍ରାମନ୍ତି ବସି। ପୁଣି ଚଳନ୍ତି ଶ୍ରମ ସାରି, ସେ ବୃକ୍ଷ ନୁହଁଇ କାହାରି।’ ଏହା ଅବିସମ୍ବାବିତ ସତ୍ୟ। ମୋହମାୟା ସଂସାରରେ ସମସ୍ତେ ନିଜ ନିଜ କର୍ମକୁ ଆଧାତ୍ମିକ ପଥରେ କ୍ୱଚିତ୍ ନେଇଥାନ୍ତି। ଆମ ସମୟରେ ଜଣେ ନୀରବ ଜୀବନ ସାଧକ ଥିଲେ ମୋ ବାପା ଶାରଦା ପ୍ରସାଦ ସ୍ୱାଇଁ। ଜୀବନକୁ ସେ କେବଳ ବଞ୍ଚି ନାହାନ୍ତି, ଜୀବନକୁ କେବଳ ସେ ସାଧି ସାଧି ପରିଶେଷରେ ଈଶ୍ୱର ପ୍ରାପ୍ତି ହୋଇଛନ୍ତି। ଜଣେ ତେଲ ଲୁଣ ସଂସାର ଓ ସାମାଜିକ ଦାୟିତ୍ୱ ପ୍ରତିପାଦନ ସହ ସାର୍ବଜନୀନ ସାଧନା ଦ୍ୱାରା କିପରି ଦିବ୍ୟତ୍ୱ ପ୍ରାପ୍ତି ବା ଦିବ୍ୟ ଜୀବନ ଲାଭ ହୋଇପାରିବ ସେ ତା’ର ଯଥାର୍ଥ ପ୍ରତୀକ ଥିଲେ।

ମନେପଡୁଛି ଏକ ବେଦ ଉପନିଷଦର ଦର୍ଶନର ଧାଡିଟିଏ – ‘ସ ଜାତୋ ଯେନ ଜାତେନ ଯାତି ବଂଶଃ ସମୁନ୍ନତିମ୍। ପରିବର୍ତ୍ତିନି ସଂସାରେ ମୃତଃ କୋବା ନ ଜାୟତେ।’ ଦୁର୍ଲଭ ମଣିଷ ଜୀବନର ସଫଳତା କର୍ମ ଉପରେ ହିଁ ନିର୍ଭର କରିଥାଏ। ଏ ସଂସାରରେ କେତେ ବର୍ଷ ଜୀବନ ଧାରଣ କରାଗଲା ତାହା କେବେ ହେଲେ ଜୀବନର ମୂଲ୍ୟାୟନର ମାପକାଠି ହୋଇନପାରେ। ନିଜ ଗୁରୁ, ଇଷ୍ଟ, ଭଗବାନଙ୍କ ଉପରେ ଅଖଣ୍ଡ ବିଶ୍ୱାସ ରଖି ସଦାସର୍ବଦା କର୍ମତତ୍ପର ଓ ଆଦର୍ଶଣୀୟ ଜୀବନଯାପନ କରିବା ହେଉଛି ମାନବିକତାର ପରିଚୟ। ମୁଁ ଲେଖୁଥିବା ବ୍ୟକ୍ତିତ୍ୱ ହେଉଛନ୍ତି ମୋ ଜନ୍ମଦାତା ଶାରଦା ପ୍ରସାଦ ସ୍ୱାଇଁ ଏହିପରି ଏକ ଜୀବନର ମୁକ୍ତିମନ୍ତ ପ୍ରତୀକ ଥିଲେ ଏହି ମହନୀୟ ବ୍ୟକ୍ତିତ୍ୱ। ମନେପଡୁଛି ଏକ ବହିର ଧାଡ଼ିଟି – ‘‘ଅବନ୍ଧୁ ଜୀବନ ଅସୁର୍ଯ୍ୟମହୀ ଦେହ ଧରି କିଏ ପାରଇ ରହି।’’

ଯଥାର୍ଥରେ କୁହାଯାଏ ବ୍ୟକ୍ତିତ୍ୱ ବ୍ୟକ୍ତିର ପରିଚୟ ବ୍ୟକ୍ତିତ୍ୱରୁ ଚିହ୍ନିତ ହୁଏ ପ୍ରତିଭା, ଉତ୍କର୍ଷ ଓ ସ୍ୱାତନ୍ତ୍ର୍ୟ। ଜଣ ଜଣଙ୍କର ସ୍ୱତନ୍ତ୍ର ଓ ଉତ୍କର୍ଷ ସାମାଜିକ ଜୀବନକୁ ସେବା ମନୋଭାବ ସମ୍ପନ୍ନ ଶ୍ରେଷ୍ଠତା ଜୀବନକୁ କରେ ମହିମାନ୍ୱିତ। ସମସ୍ତେ ଏକ ପ୍ରକାର ଜନ୍ମ ଲାଭ କରିଥିଲେ ବି ବ୍ୟକ୍ତିତ୍ୱ ଭିନ୍ନ ପ୍ରକାର ହୋଇଥାଏ। ସେହିଭଳି ସ୍ମୃତିମାନ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ ଶାରଦା ପ୍ରସାଦ ସ୍ୱାଇଁ। ଶାରଦା ପ୍ରସାଦ ସ୍ୱାଇଁଙ୍କ ଜନ୍ମସ୍ଥାନ ଜଗତସିଂହପୁର ଜିଲ୍ଲା ଅନ୍ତର୍ଗତ ଉଗାଳପୁର ଗ୍ରାମ। ଆମ ଜିଲ୍ଲାର ଆରାଧ ଦେବୀ ମା’ ଶାରଳା ହେଉଛନ୍ତି ତାଙ୍କର ଇଷ୍ଟଦେବୀ ଓ ସବୁବେଳେ ସେ ମାଆଙ୍କ ପୂଜାର୍ଚ୍ଚନାରେ ନିଜକୁ ବ୍ୟସ୍ତ ରଖୁଥିଲେ। ଯେଉଁ ମୁହଁର ତେଜଦୀପ୍ତ ଚାହାଣି ଆଜି ଆମ ମାନଙ୍କୁ ସମାଜରେ ପ୍ରତିଷ୍ଠିତ କରିପାରିଛି କର୍ତ୍ତବ୍ୟନିଷ୍ଠତାର ସାଧୁତାର ପ୍ରତିପାଦନ କରିବା ପାଇଁ ମାନବୀୟ ମୂଲ୍ୟବୋଧ ଜୀବନ ବଞ୍ଚିବାର କଳାନିମିତ୍ତ। ତାଙ୍କ ଗୃହସ୍ଥ ଧର୍ମର ଆଦର୍ଶରେ ମୋ ଧର୍ମପତ୍ନୀ ଶିବସ୍ନିଗ୍ଧା, ନାତୁଣୀ ବ୍ରିଟିକା, ଭଉଣୀ ସୋନାଲୀ ସ୍ୱାଇଁ ଓ ଭିଣୋଇ ରାହୁଲ ଜେନା ପ୍ରତିଷ୍ଠିତ ହୋଇପାରିଛନ୍ତି ଏକ ଆଦର୍ଶଣୀୟ ସମାଜରେ। ଆଜି ବାପାଙ୍କ ଅବର୍ତ୍ତମାନରେ ମୋ ମାଆ ଗୀତାରାଣୀ ହିଁ ମୋତେ ଧୈର୍ଯ୍ୟ, ସାହାସ ପ୍ରଦାନ କରୁଛନ୍ତି।

ବାପାଙ୍କ ଦୁଇ ଭଣଜା ସେସ୍କୋର ଏସଡିଓ ଇଞ୍ଜିନିୟର ସନ୍ତୋଷ ଖୁଣ୍ଟିଆ, ଡକ୍ଟର ଦେବୀଦତ୍ତ ପ୍ରଧାନ ଓ ନିହାର ରଞ୍ଜନ ରାଉତ ଅତ୍ୟନ୍ତ ମ୍ରିୟମାଣ। କେବଳ ସେତିକି ନୁହେଁ ମୋର ଭାତୃତୁଲ୍ୟ ପଡ଼ୋଶୀ ଜଗନ୍ନାଥ ଦାସ, ସମାଜସେବୀ ଶ୍ରୀଧର କୁମାର ରାଉଳ, ଚମ୍ପାନାରାୟଣ ଚାରିଟେବଲ ଟ୍ରଷ୍ଟର ଆବାହକ ତ୍ରିନାଥ ଓଝା, ବିଜୟ କୁମାର ଶତପଥୀ, ନିରଞ୍ଜନ ବାରିକ, ନରୋତ୍ତମ ସାମଲ, ଶ୍ରୀଧର କୁମାର ସାହୁ, ସୁନୀଲ କୁମାର ବେହେରା, ରଜତ କୁମାର ବୋଷ, ସନାତନ ନାୟକ, ମନୋଜ ସାହୁ, ସନ୍ତୋଷ ମିଶ୍ର ପ୍ରମୁଖ ସମସ୍ତେ ତାଙ୍କୁ ମନେପକଉଛନ୍ତି ତାଙ୍କ ପରପୋକାର ଓ ମମତାର ବନ୍ଧୁବତ୍ସଳତା ପାଇଁ।

ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଇଷ୍ଟଦେବୀ ମା’ଶାରଳାଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ କରୁଣାସିକ୍ତ ଚିନ୍ତାଧାରା, ସରଳ ଜୀବନ, ମିଷ୍ଟ ବଚନ, ସେବାର ଅମୃତ ଧାରା ଆଉ ସାନ୍ତ୍ୱନା ଦାୟକ ଅନୁଭବୀ କଥୋପକଥନ ଓ ସମସ୍ତ ଗଠନମୂଳକ କାର୍ଯ୍ୟକ୍ରମ ଅନେକ ପ୍ରତିକୂଳତା ଭିତରେ ଏହାରି ଜରିଆରେ ତାଙ୍କର ସମସ୍ତ ସମୟ ନିଷ୍କାମ ସେବାରେ ବିନିଯୋଗ କରିଛନ୍ତି। ତାଙ୍କର ଏକନିଷ୍ଠ କର୍ତ୍ତବ୍ୟପରାୟଣତା, ସାଧୁତା, ନିଜ ଉତ୍ସର୍ଗୀକୃତ ଓ ଦୃଷ୍ଟାନ୍ତମୂଳକ ପରୋପକାରିତା ଆମ ସମସ୍ତଙ୍କ ନିକଟରେ ଆଦର୍ଶ ହୋଇ ରହିବ। ଭକ୍ତି, ଜ୍ଞାନ ଓ କର୍ମର ଅପୂର୍ବ ସଂଶ୍ଳେଷଣ ଏବଂ ତାଙ୍କର ସୀମିତ ନିଜସ୍ୱ ଆୟ, ଶକ୍ତି, ସମୟ ଓ ଜ୍ଞାନର ସର୍ବୋତ୍କୃଷ୍ଟ ବିନିଯୋଗ ଫଳରେ ତାଙ୍କର ଜୀବନ ପ୍ରତ୍ୟେକ ମୁହୂର୍ତ୍ତକୁ ଅତିବାହିତ କରିଛନ୍ତି ତାହା କେବଳ ପ୍ରତିଟି ଆଧାତ୍ମିକ ଶ୍ରଦ୍ଧାଳୁ ମାନଙ୍କ ପାଇଁ ନୁହେଁ ବରଂ ଆମ ସମସ୍ତଙ୍କ ପାଇଁ ସବୁ ସମୟରେ ପ୍ରେରଣା ଯୋଗାଇବ ଏଥିରେ ସନ୍ଦେହର ଅବକାଶ ନାହିଁ। ଭଗବାନ ତାଙ୍କର ଅସଂଖ୍ୟ ଛାଞ୍ଚ ଭିତରୁ ଗୋଟିଏ ଦିବ୍ୟ ସ୍ୱୟଂ ସମ୍ପୂର୍ଣ୍ଣ ଦିବ୍ୟ ଛାଞ୍ଚ ବାଛି ସେଥିରେ ମୋ ବାପା ଶାରଦା ପ୍ରସାଦ ସ୍ୱାଇଁଙ୍କୁ ଗଢ଼ି ମୂଳରୁ ସଂପୂର୍ଣ୍ଣ କରି ଓ ସମ୍ପନ୍ନ କରି ତାଙ୍କୁ ଏ ପୃଥିବୀକୁ ପଠାଇଛନ୍ତି ବୋଲି ମୋର ଧାରଣା ହୁଏ। ସୁଖ ଶରୀରରେ ମିଳେ। ଶାନ୍ତି ମନରେ ମିଳେ ଆଉ ହୃଦୟରେ ମିଳେ ଆନନ୍ଦ।

ଜୀବନ ଭିତରେ ଯେଉଁ ଯଶ ଓ କୀତିର ଅଧିକାରୀ ହୋଇଛନ୍ତି ନିଜ ଆତ୍ମାର ସଦ୍‌ଗତି ପାଇଁ ସେ ନିଜେ ଜୀବନ କାଳ ମଧରେ ପଥ ପରିଷ୍କାର କରିଦେଇ ଯାଇଛନ୍ତି। ଏ ମର ଶରୀର ନଷ୍ଟ ହେଲେ ବି ସେ ନିଜେ ଅତ୍ୟନ୍ତ ଆନନ୍ଦରେ ଭଗବାନଙ୍କ ପାଖକୁ ଚାଲିଯାଇଛନ୍ତି। ଜଣେ ମହାମନିଷୀଙ୍କ ଏକ ବାଣୀ ଯାହାର ଭାଷାନ୍ତର ହେଉଛି ‘ପୃଥିବୀରେ ଗୋଟିଏ ଭାଷା ଅଛି, ତାହା ହେଉଛି ହୃଦୟର ଭାଷା।’ ଏଭଳି ଜଣେ ଯଶକୀର୍ତ୍ତିର ଅଧିକାରୀଙ୍କୁ ମୃତ୍ୟୁ କ’ଣ କେବେ ଛୁଇଁପାରେ ବରଂ ସେ ମୃତ୍ୟୁକୁ ଛୁଇଁ ଦେଇଛନ୍ତି ଓ ସବୁଦିନ ପାଇଁ ଅମର ହୋଇ ରହିଯାଇଛନ୍ତି, କେବଳ ମୃତ୍ୟୁ ହିଁ ମରିଛି। ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ।

ପ୍ଲଟ ନଂ-୭ଜିଏଚ/ ୧୩୫୩, ଡି-୧୮, ସେକ୍ଟର-୯, ସିଡିଏ , କଟକ, ଦୂରଭାଷ : ୯୦୪୦୭୬୧୭୩୦ / ୭୦୦୮୨୨୭୨୧୩

# କାହାଣୀ ଶୁଣାନ୍ତୁ ପିଲାଙ୍କୁ

**॥ ଜୟନ୍ତୀ ପଣ୍ଡା ॥**

ଆଜି ଯେଉଁମାନଙ୍କୁ ମହାମାନବ କୁହାଯାଉଛି, ସେମାନଙ୍କ ବାଲ୍ୟକାଳରେ ସେମାନେ ଯେ ଏହି ସ୍ତରରେ ପହଞ୍ଚିବେ ତାହା କେହି କଳ୍ପନ କରିନଥିଲେ । ଏପରିକି ସେମାନଙ୍କର ପିତା, ମାତା ମଧ୍ୟ । ତେବେ ପିଲାମାନଙ୍କର ବ୍ୟକ୍ତିତ୍ୱ ଗଠନ କରିବା ପାଇଁ ସେମାନଙ୍କ ପିତାମାତା ଆନ୍ତରିକ ପ୍ରୟାସ କରୁଥିଲେ । ପିଲାଙ୍କ ବ୍ୟକ୍ତିତ୍ୱ ଗଠନର ଏକ ଉତ୍ତମ ପ୍ରୟାସ ହେଉଛି କାହାଣୀ । ଅର୍ଥାତ୍ ପିଲାଙ୍କୁ କାହାଣୀ ଶୁଣାଇବା । ଇତିହାସରେ ଏହାର ଶହ ଶହ ଦୃଷ୍ଟାନ୍ତ ରହିଛି । ଗୋଟିଏ କାହାଣୀ ହେଉଛି – ପଞ୍ଚତନ୍ତ୍ରର ମନ୍ଦବୁଦ୍ଧିଯୁକ୍ତ ଅଯୋଗ୍ୟ ରାଜକୁମାର । ରାଜାପୂର୍ଣ୍ଣତଃ ନିରାଶ ହୋଇଯାଇଥିଲେ । ସବୁ ପ୍ରକାର ଉପାୟ କରାଗଲେ ସୁଦ୍ଧା କୌଣସି ପ୍ରକାରେ ରାଜକୁମାରଙ୍କୁ ଯୋଗ୍ୟ କରାଯାଇପାରିଲା ନାହିଁ । ଅନ୍ତିମ ପ୍ରୟାସ ରୂପେ ରାଜ୍ୟରେ ଘୋଷଣା କରାଗଲା ଯେ ଯେଉଁ ବ୍ୟକ୍ତି ରାଜକୁମାରଙ୍କୁ ଶିକ୍ଷା ଦେବାର ଦାୟିତ୍ୱ ଗ୍ରହଣ କରିବେ ଏବଂ ତାଙ୍କୁ ସବୁ ଦିଗରୁ ଯୋଗ୍ୟ କରିବାରେ ସକ୍ଷମ ହେବେ, ସେ ଇଚ୍ଛାନୁରୂପ ପୁରସ୍କାର ପାଇବେ । ବିଷ୍ଣୁଶର୍ମା ନାମକ ଜଣେ ବିଦ୍ୱାନ ତପସ୍ୱୀ ରାଜପୁତ୍ରଙ୍କୁ ରାଜନୀତି, ଧର୍ମ ଓ ଶିକ୍ଷାରେ ନିଷ୍ଣାତ (ନିପୁଣ) କରାଇବାର ଦାୟିତ୍ୱ ବହନ କଲେ ଏବଂ କିଛି ସମୟ ଭିତରେ ପଶୁପକ୍ଷୀଙ୍କ ବିଷୟରେ ରୁଚିକର କାହାଣୀ ଶୁଣାଇ ବୁଦ୍ଧିହୀନ ରାଜକୁମାରଙ୍କୁ ନୀତି, ସଦାଚାର, ଧର୍ମ, ବ୍ୟବହାର କୁଶଳତା ଇତ୍ୟାଦିରେ ପାରଙ୍ଗମ କରିଦେଲେ । ଛତ୍ରପତି ଶିବାଜୀ ପିଲାଦିନେ ପ୍ରତିଭାବାନ ମନେ ହେଉନଥିଲେ । ପରେ କିଛି ଉଲ୍ଲେଖନୀୟ କାମ କରିବା ଯୋଗ୍ୟ ପରିସ୍ଥିତି ମଧ୍ୟ ନଥିଲା । ପତି-ଉପେକ୍ଷିତ ତାଙ୍କର ମାତା ଜୀଜାବାଈ ପୁଅ ସହିତ ରହୁଥିଲେ ପୁନାରେ । ବାଳକ ଶିବାର ଲାଳନ ପାଳନଠାରୁ ଆରମ୍ଭ କରି ଶିକ୍ଷା ଦୀକ୍ଷା ପର୍ଯ୍ୟନ୍ତ ସମସ୍ତ ଦାୟିତ୍ୱ ତାଙ୍କ ଉପରେ ଥିଲା । ଏହି ଦାୟିତ୍ୱକୁ ସରଳ ଭାବରେ ନିର୍ବାହ କରିବାର ଉପାୟ ଜୀଜାବାଈ ଖୋଜି ନେଲେ । ସେ ନିଜ ଆଦରର ପୁଅକୁ ରାମାୟଣ, ମହାଭାରତ, ହନୁମାନ, କୃଷ୍ଣ ଓ ଅର୍ଜୁନଙ୍କ ଜୀବନର ପ୍ରେରଣାମୟ ବୀରତ୍ୱପରିପୂର୍ଣ୍ଣ କାହାଣୀ ଶୁଣାଇବା ଆରମ୍ଭ କଲେ ।

ସେମିତି ଆଦର୍ଶ ବୀର ପୁରୁଷ ହେବାର ଅଭିଳାଷ ଜାଗ୍ରତ ହେଲା ବାଳକ ଶିବାଙ୍କ ମନରେ । ପିଲାଦିନରୁ ସେ ମାବଲା ଜାତିର ଅନୁନ୍ନତ ଆଦିବାସୀ ପିଲାମାନଙ୍କୁ ଭାଲୁ, ମାଙ୍କଡ଼ ଭଳି ସଂଗଠିତ କରିବା ଆରମ୍ଭ କଲେ । ସେମାନଙ୍କୁ ଯୁଦ୍ଧ ବିଦ୍ୟା ଶିକ୍ଷା ଦେଲେ । ବାଲ୍ୟକାଳର ପ୍ରେରଣାରୁ ଉଦ୍‌ଭୁତ ଶୁଭ ଅଭିଳାଷ ବଳରେ ସେ ନାନାଜୀ, ବାଜି ପ୍ରଭୁ, ଦେଶ



ପାଣ୍ଡେ ଓ ସୂର୍ଯ୍ୟାଜୀଙ୍କ ଭଳି କେତେ ନର ରତ୍ନଙ୍କୁ ଖୋଜି ବାହାର କଲେ । ପରବର୍ତ୍ତୀ କାଳରେ ସେମାନେ ବିଶାଳ ମୋଗଲ ସାମ୍ରାଜ୍ୟ ଅଧିପତି ଆଉରଙ୍ଗଜେବଙ୍କ ଆଖିରୁ ନିଦ ଉଡ଼ାଇନେଲେ । ବର୍ତ୍ତମାନ ଯୁଗର ମହାମାନବ ମହାତ୍ମା ଗାନ୍ଧୀଙ୍କ ଜୀବନରେ ମଧ୍ୟ ଏଭଳି ଘଟିଥିଲା । ତାଙ୍କର ମାତା ପୁତଳୀବାଈ ଗାନ୍ଧୀଙ୍କୁ ପିଲାଦିନେ ରାମାୟଣ ଓ ମହାଭାରତର ଚରିତ୍ର ନିର୍ମାଣକାରୀ ପ୍ରସଙ୍ଗ ଶୁଣାଉଥିଲେ । ଏହାର ପରିଣାମ ରୂପେ ସେ ଆଜୀବନ ଚରିତ୍ର ଓ ନୈତିକତାକୁ ସର୍ବୋପରି ମହତ୍ତ୍ୱ ଦେଇଥିଲେ । ମହାରାଜା ହରିଶ୍ଚନ୍ଦ୍ର ନାଟକ ଦେଖି ଓ ତାଙ୍କର କାହାଣୀ ଶୁଣି ତାଙ୍କ ମନରେ ସତ୍ୟ ପ୍ରତି ଅବିଚଳ ନିଷ୍ଠା ଜାତ ହୋଇଥିଲା । ଯିଶୁ ଓ ବୁଦ୍ଧଙ୍କ ପ୍ରସଙ୍ଗ ଶୁଣି ଓ ପଢ଼ି ଅହିଂସା ଓ ପ୍ରେମ ପ୍ରତି ଶ୍ରଦ୍ଧା ଓ ନିଷ୍ଠା ଜାଗ୍ରତ ହୋଇଥିଲା ।

ଫରିଦାବାଦ, ହରିୟାନା

## ଚାକିରୀର ପ୍ରଥମ ଦିନ
# ଦୁର୍ଘଟଣାରେ ଝଲିଗଲା ଆଇପିଏସ୍ ଅଧିକାରୀଙ୍କ ଜୀବନ


**ବେଙ୍ଗାଲୁର,୩।୧୨(ଏଜେନ୍ସି):** କାର୍ଯ୍ୟରେ ଯୋଗଦେବାର ଥିଲା ପ୍ରଥମ ଦିନ । ହେଲେ ମର୍ମନ୍ତୁଦ ଦୁର୍ଘଟଣାରେ ଝଲିଥିଲା ଆଇପିଏସ୍ ଅଧିକାରୀଙ୍କ ଜୀବନ । କର୍ଣ୍ଣାଟକରୁ ଆସିଛି ଏଭଳି ଏକ ଦୁଃଖଦ ଘଟଣା ଘଟିଛି । ଝକିରିର ପ୍ରଥମ ଦିନରେ ରାଜ୍ୟ କ୍ୟାଡରର ଜଣେ IPS ଅଧିକାରୀଙ୍କ ହୋଇଛି ମୃତ୍ୟୁ । ସୋମବାର ସେ ତାଙ୍କ କାର୍ଯ୍ୟରେ ଯୋଗ ଦେବାକୁ ଯାଉଥିବା ବେଳେ ସଡ଼କ ଦୁର୍ଘଟଣାରେ ଝଲିଯାଇଛି ଜୀବନ। ମୃତକ ଜଣକ ହେଉଛନ୍ତି ଯୁବ ଆଇପିଏସ୍ ଅଫିସର ହର୍ଷ ବର୍ଦ୍ଧନ (୨୬) । ସେ କର୍ଣ୍ଣାଟକ କ୍ୟାଡରର ୨୦୨୩ ବ୍ୟାଚର ଆଇପିଏସ୍ ଅଫିସର ଥିଲେ । ମିଳିଥିବା ସୂଚନା ଅନୁସାରେ ମୃତ ଆଇପିଏସ୍ ଅଧିକାରୀଙ୍କ ଘର ମଧ୍ୟ ପ୍ରଦେଶରେ। ମାସେ ତଳେ ମୈସୁରରେ ଟ୍ରେନିଂ ସରିବା



ପରେ ସୋମବାର ଥିଲା ତାଙ୍କର ପ୍ରଥମ ପୋଷ୍ଟିଂ । ହେଲେ ପ୍ରଥମ ଦିନରେ ତାଙ୍କର ଏଭଳି ମୃତ୍ୟୁ ସମସ୍ତଙ୍କୁ ବ୍ୟଥିତ କରିଛି । କାର୍ଯ୍ୟରେ ଯୋଗଦେବା ପାଇଁ ପୋଲିସ ଗାଡିରେ ଯାଉଥିଲେ । ହେଲେ ଟାୟାର ଫାଟିଯିବାରୁ ଡ୍ରାଇଭର ନିୟନ୍ତ୍ରଣ ହରାଇ ଏକ ଗଛରେ ଗାଡିକୁ ପିଟି ଦେଇଥିଲେ । ହର୍ଷ ବର୍ଦ୍ଧନଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା । ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରାଯାଇ ଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ହୋଇଛି । ଅନ୍ୟପଟେ ଡ୍ରାଇଭର ସାମାନ୍ୟ ଆହତ ହୋଇଛନ୍ତି । କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ହର୍ଷ ବର୍ଦ୍ଧନଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି।

# ବିଦ୍ୟୁତ୍ ବିଲକୁ ନେଇ ସମସ୍ୟାରେ ବାଂଲାଦେଶ

**ଅଗରତାଲା,୩।୧୨(ଏଜେନ୍ସି):** ବାଂଲାଦେଶରେ ବ୍ୟାପିଥିବା ଅରାଜକତାର ପ୍ରଭାବ ଭାରତ ପର୍ଯ୍ୟନ୍ତ ପହଞ୍ଚି ଯାଇଛି। ଦେଶରେ ହିନ୍ଦୁଙ୍କ ସମେତ ସଂଖ୍ୟାଲଘୁଙ୍କ ବିରୋଧରେ ଅତ୍ୟାଚର ବୃଦ୍ଧିକୁ କଣ୍ଟ୍ରୋଲ କରିବାରେ,ମହମ୍ମଦ ୟୁନୁସଙ୍କର ଅନ୍ତରୀଣ ସରକାର ଅସଫଳ ହେବାର ନଜର ଆସୁଛି। ଭାରତ ବାରମ୍ବାର ଏହି ମାମଲାରେ ବାଂଲାଦେଶକୁ ସତର୍କ କରାଇଛି । କିନ୍ତୁ କୌଣସି ସକରାତ୍ମକ ପରିଣାମ ଆସି ନାହିଁ । ଏବେ ଭାରତ ମଧ୍ୟ ବାଂଲାଦେଶ ଠାରୁ ଦୃଢତାର ସହ ବର୍ତ୍ତିବାକୁ ନିଷ୍ପତ୍ତି ନେଇଛି । ତ୍ରିପୁରା ବାଂଲାଦେଶକୁ ୧୩୫ କୋଟି ଟଙ୍କାର ବକେୟା ଭରିବାର ଅଲ୍ଟିମେଟମ ଦେଇଛି । ଉଲ୍ଲେଖନୀୟ ଯେ, ଏନଟିପିସି ବିଦ୍ୟୁତ୍ ବ୍ୟାପାର ନିଗମ ଲିମିଟେଡ୍ ମାଧ୍ୟମରେ କରାଯାଇ ଥିବା ବିଦ୍ୟୁତ ବ୍ୟାପାର ଚୁକ୍ତି ଅନୁସାରେ , ବାଂଲାଦେଶ ଉପରେ ତ୍ରିପୁରାର୧୩୫ କୋଟି ଟଙ୍କାର ବିଦ୍ୟୁତ୍ ବିଲ୍ ବକେୟା ରହିଛି । ଟାଇମ୍ସ ଅଫ୍ ଇଣ୍ଡିଆ



କହିଛି କି, ରାଜ୍ୟ ବକେୟା ରାଶିର ତତ୍କାଳ ଦେୟ ଭରିବାରୁ ଦାବି କରିଛି । ଏହା କୁହାଯାଉଛି ଯେ, ବାଂଲାଦେଶରେ ଭାରତ ବିରୋଧୀ ଗତିବିଧି ବୃଦ୍ଧି ମଧ୍ୟରେ ଏହି ନିଷ୍ପତ୍ତି ନିଆଯାଇଛି । ଚୁକ୍ତି ଅନୁସାରେ, ତ୍ରିପୁରା ବାଂଲାଦେଶକୁ ୧୬୦ ମେଗାୱାଟ ବିଦ୍ୟୁତ ଦେଉଛି। ତ୍ରିପୁରାର ବିଦ୍ୟୁତ୍ ମନ୍ତ୍ରୀ ରତନ ଲାଲ୍ ନାଥ ରବିବାର କହିଛନ୍ତି,୧୩୫ କୋଟି ଟଙ୍କା ବକେୟା ରହିଛି। ବାଂଲାଦେଶ ନିୟମିତ ଭାବେ ପେମେଣ୍ଟ କରି ଝଲିଛି । ବିଦ୍ୟୁତର ପ୍ରତ୍ୟେକ ୟୁନିଟ୍ ପାଇଁ, ଆମେ ୬.୬୫ ଟଙ୍କା ଝର୍ଜ କରୁଛୁ , ଯାହା ଘରୋଇ କନେକ୍ସନରୁ ମିଳୁଥିବା ଦର ତୁଳନାରେ ଖୁବ୍ କମ୍। ଏହା ପୂର୍ବରୁ ମଇ ୨୦୨୪ରେ ତ୍ରିପୁରା ରାଜ୍ୟ ବିଦ୍ୟୁତ ନିଗମ ଲିମିଟେଡ୍ (ଟିଏସଇସିଏଲ) ବାଂଲାଦେଶ ବିଦ୍ୟୁତ ବିକାଶ ବୋର୍ଡ(ବିପିଡିବି)କୁ ବିଦ୍ୟୁତର ସପ୍ଲାଇ ରୋକି ଦେଇ ଥିଲା, କାରଣ ସେ ସମୟାନୁସାରେ ଅର୍ଥ ଭରି ପାରୁ ନଥିଲା ।

# ଉଲଗ୍ନ କରି ୧.୭ ଲକ୍ଷ ସାଇବର ଠକେଇ


**ନୂଆଦିଲ୍ଲୀ,୩।୧୨:** ଆଧୁନିକ ଯୁଗରେ ବଢୁଥିବା ଡିଜିଟାଲ ଆରେଷ୍ଟ ନାଁରେ ପୁଣି ଗୋଟିଏ ଠକେଇ ହୋଇଛି। ମୁମ୍ବାଇର ଜଣେ ୨୬ ବର୍ଷୀୟ ମହିଳାଙ୍କୁ ସାଇବର ଠକମାନେ ଭିଡିଓ କଲ ଜରିଆରେ ଉଲଗ୍ନ କରିଛନ୍ତି ଓ ତାଙ୍କ ଠାରୁ ୧.୭ ଲକ୍ଷ ଟଙ୍କା ଠକେଇ କରିନେଇଛନ୍ତି। ମନି ଲଣ୍ଡରିଂ ମାମଲାର ତଦନ୍ତ କରିବା ବେଳେ ମହିଳାଙ୍କ ନାଁ ଆସିଥିବାର ଆଳ ଦେଖାଇ ଠକମାନେ ତାଙ୍କୁ ଲୁଟ କରିଥିବା ଅଭିଯୋଗ ହୋଇଛି।

ମୁମ୍ବାଇର ବୋରିଭାଲି ଇଷ୍ଟରେ ରହୁଥିବା ମହିଳା ଜଣଙ୍କ ଗୋଟିଏ ଫାର୍ମାସିଟ୍ୟୁକାଲ କମ୍ପାନୀରେ କାମ କରନ୍ତି। ସେ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ଯେ ସାଇବର ଠକମାନେ ତାଙ୍କୁ ନଭେମ୍ବର ୧୯ରେ ଫୋନ କରିଥିଲେ ।ସେମାନେ ନିଜକୁ ଦିଲ୍ଲୀ ପୁଲିସର ଅଧିକାରୀ ଭାବେ ପରିଚୟ ଦେଇଥିଲେ।

ବର୍ତ୍ତମାନ ଜେଲରେ ଥିବା ଜେଟ ଏୟାରଜେର ମାଲିକ ନରେଶ ଗୋଏଲଙ୍କ ନାଁରେ ଝଲିଥିବା ମନି ଲଣ୍ଡରିଂ ମାମଲାର ତଦନ୍ତ ବେଳେ ତାଙ୍କ ନାଁ ଆସିଥିବା ଠକମାନେ ମହିଳାଙ୍କୁ କହିଥିଲେ ।ସେମାନେ ମହିଳାଙ୍କୁ ଗିରଫଦାରୀର ଧମକ ଦେଇଥିଲେ। କଥାବାର୍ତ୍ତା ଭିଡିଓ କଲର ରୂପ ନେଇଥିଲା। ଏହାପରେ ମହିଳା ଜଣଙ୍କ ଡିଜିଟାଲ ଆରେଷ୍ଟ ହୋଇଥିବା ଠକମାନେ କହିଥିଲେ। ଡିଜିଟାଲ ଆରେଷ୍ଟ ପରେ ସେମାନେ ମହିଳାଙ୍କୁ ଗୋଟିଏ ହୋଟେଲ ବୁକ କରିବାକୁ କହିଥିଲେ ସେ ହୋଟେଲକୁ ଯିବା ପରେ ଠକମାନେ ତାଙ୍କୁ ବ୍ୟାଙ୍କ ତଥ୍ୟର ଯାଞ୍ଚ ପାଇଁ ୧,୭୮,୦୦୦ ଟଙ୍କା ପଠାଇବାକୁ କହିଥିଲା। ଏଥିସହ ଶରୀର ଯାଞ୍ଚ ପାଇଁ ତାଙ୍କୁ ଉଲଗ୍ନ ହେବାକୁ ମଧ୍ୟ ବାଧ୍ୟ କରାଇଥିଲେ। ମହିଳା ଜଣଙ୍କ ଏତେ ଡରି ଯାଇଥିଲେ ଯେ ସେ ଟଙ୍କା ପଠାଇବା ସହ ଉଲଗ୍ନ ମଧ୍ୟ ହୋଇଥିଲେ। ତେବେ ସବୁ କିଛି ଶେଷ ହେବା ପରେ ମହିଳା ଜଣଙ୍କ ଠକାମୀରେ ପଡ଼ିଥିବା ହୃଦୟଙ୍ଗମ କରି ପୁଲିସ୍‌ରେ ଅଭିଯୋଗ କରିଥିଲେ। ନଭେମ୍ବର ୨୮ରେ ମହିଳା ଜଣଙ୍କ ପୁଲିସ୍‌ରେ ଅଭିଯୋଗ କରିବା ପରେ ତଦନ୍ତ ଆରମ୍ଭ ହୋଇଛି। ତେବେ ଏଯାଏ ଠକମାନଙ୍କ ସମ୍ପର୍କରେ କୌଣସି ପ୍ରକାରର ସୂଚନା ମିଳିନାହିଁ।। ଏହାପୂର୍ବରୁ ନରେଶ ଗୋଏଲଙ୍କ ମାମଲା ନାଁରେ ସାଇବର ଠକମାନେ ବର୍ଦ୍ଧମାନ ଗ୍ରୁପର ଅଧ୍ୟକ୍ଷ ପଲ ସାଲଙ୍କ ଠାରୁ ୭ କୋଟି ଟଙ୍କା ଠକି ନେଇଥିଲେ।

# ‘ବ୍ରିକ୍ସ’କୁ ଧମକାଇଲେ ଟ୍ରମ୍ପ୍

**ନୂଆଦିଲ୍ଲୀ,୩।୧୨(ଏଜେନ୍ସି):** ଆମେରିକାର ନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ‘ବ୍ରିକ୍ସ’ ରାଷ୍ଟ୍ର ସମୂହକୁ କଡ଼ା ଚେତାବନୀ ଦେଇଛନ୍ତି । ଆମେରିକୀୟ ଡଲାର ବ୍ୟବହାର ନେଇ ସେ ବ୍ରିକ୍ସଠାରୁ ପ୍ରତିଶ୍ରୁତି ମାଗିଛନ୍ତି । ଡଲାର ବଦଳରେ ଅନ୍ୟ କୌଣସି ବିକଳ୍ପ ମୁଦ୍ରା ଆଣିଲେ ୧୦୦ ପ୍ରତିଶତ ଶୁଳ୍କ ଲଗାଯିବ ବୋଲି ଟ୍ରମ୍ପ୍ କହିଛନ୍ତି । ବ୍ରିକ୍ସ ସମୁହ ଅଧୀନରେ ବ୍ରାଜିଲ୍, ରୁଷ୍, ଭାରତ, ଚୀନ୍ ଓ ଦକ୍ଷିଣ ଆଫ୍ରିକା ଭଳି ପାଞ୍ଚଟି ଦେଶ ରହିଛନ୍ତି । ଟ୍ରମ୍ପ୍ ନିଜ ସୋସିଆଲ୍ ମିଡିଆ ‘ଟ୍ରୁଥ୍’ରେ ଏକ ପୋଷ୍ଟ କରି ଜଣାଇଛନ୍ତି ଯେ ଡଲାରଠାରୁ ଦୂରେଇ ଯିବା ଲାଗି ବ୍ରିକ୍ସ ଉଦ୍ୟମ କରୁଛି। ଆମ୍ଭେ ବସିରହି ଦେଖିବାର ଯୁଗ ଶେଷ । ବ୍ରିକ୍ସ ଯେଉଁଳି ନିଜର ନୂଆ ମୁଦ୍ରା ଗଠନ କରିବ ନାହିଁ ଓ ଡଲାରର ବିକଳ୍ପ ଭାବେ ଅନ୍ୟ କୌଣସି ମୁଦ୍ରାକୁ ସମର୍ଥନ କରିବ ନାହିଁ, ସେହି ପ୍ରତିଶ୍ରୁତି ଆମେ ବ୍ରିକ୍ସଠାରୁ ଝହୁଁଛୁ । ଯଦି ସେମାନେ ସେଭଳି କିଛି କରିବେ ତେବେ



ସେମାନଙ୍କୁ ୧୦୦ ପ୍ରତିଶତ ଶୁଳ୍କ ସାମ୍ନା କରିବାକୁ ପଡ଼ିବ । ଆମେରିକୀୟ ଅର୍ଥନୀତିରେ ସେମାନେ କିଛି ବିକ୍ରି କରିପାରିବେ ନାହିଁ ବୋଲି ଟ୍ରମ୍ପ୍ କହିଛନ୍ତି। ଟ୍ରମ୍ପ ନିଜର ନିର୍ବାଚନ ପ୍ରଝର ସମୟରେ ଡଲାରଠାରୁ ଦୂରେଇ ଯିବାକୁ ଝହୁଥିବା ଦେଶଗୁଡ଼ିକୁ ବହୁ ମୂଲ୍ୟ ଦେବାକୁ ପଡ଼ିବ ବୋଲି ସଂକଳ୍ପ ନେଇଥିଲେ। ନିୟମ ପାଳନକୁ ସୁନିଶ୍ଚିତ କରିବା ଲାଗି ଶୁଳ୍କକୁ ଅସ୍ତ୍ର ଭାବେ ବ୍ୟବହାର କରାଯିବ ବୋଲି ସେ ଧମକ ଦେଇଥିଲେ । ଆସନ୍ତା ବର୍ଷ ଜାନୁଆରିରେ ଟ୍ରମ୍ପ୍ ରାଷ୍ଟ୍ରପତି ଭାବେ ଦାୟିତ୍ୱ ନେବାକୁ ଯାଉଥିବାରୁ ପୁଣି ଥରେ ଏକଥା ମନେ ପକାଇବା ନିଶ୍ଚିତ ରୂପେ ଏହାର ଗୁରୁତ୍ୱକୁ ବଢାଇଛି । ଡଲାରକୁ ବାଦ ଦେଇ ବିକଳ୍ପ ମୁଦ୍ରାରେ ଦ୍ୱିପାକ୍ଷିକ କାରବାର କରିବା ଲାଗି ମିତ୍ର ଓ ଶତ୍ରୁ ରାଷ୍ଟ୍ରଗୁଡ଼ିକ କରୁଥିବା ଯୋଜନାକୁ ଭଣ୍ଡୁର କରିବା ଉପରେ ଟ୍ରମ୍ପ୍ କାର୍ଯ୍ୟ କରୁଛନ୍ତି ।

# ରେକର୍ଡ ଭାଙ୍ଗିଲା ଋଷର ପ୍ରତିରକ୍ଷା ବଜେଟ୍

**ନୂଆଦିଲ୍ଲୀ,୩।୧୨(ଏଜେନ୍ସି):** ୟୁକ୍ରେନ ସହ ଯୁଦ୍ଧ ମଧ୍ୟରେ ଋଷର ପ୍ରତିରକ୍ଷା ବଜେଟକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି । ୨୦୨୫ ଲାଗି ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ଦେଶର ବଜେଟକୁ ଅନୁମୋଦନ ଦେଇଛନ୍ତି । ସବୁଠୁ ବଡ଼ କଥା ହେଉଛି, ଦେଶର ମୋଟ ବଜେଟର ୩୨.୫ ପ୍ରତିଶତ ଅର୍ଥ ପ୍ରତିରକ୍ଷା କ୍ଷେତ୍ରକୁ ଦେଇଛନ୍ତି ପୁଟିନ୍। ବଜେଟର ଏକ ତୃତୀୟାଂଶ ଅର୍ଥ ଦେଶର ପ୍ରତିରକ୍ଷା ଲାଗି ପୁଟିନ୍ ଆବଣ୍ଟିତ କରିବା ପରେ ସମଗ୍ର ବିଶ୍ୱର ନଜର ଏବେ ମସ୍କୋ ଉପରେ ରହିଛି। ୨୦୨୪- ୨୦୨୫ ଲାଗି ଋଷର ପ୍ରତିରକ୍ଷା ବଜେଟ୍ ୧୨୬ ବିଲିୟନ୍ ଡଲାର (୧୩.୫ ଟ୍ରିଲିୟନ୍ ରୁବେଲ) । ଗତବର୍ଷ ତୁଳନାରେ ୨୮ ବିଲିୟନ୍ ଡଲାର ଅଧିକ ଦେଶର ସୁରକ୍ଷା ପାଇଁ ଦେଇଛନ୍ତି ପୁଟିନ୍ । ସେପଟେ ଋଷ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ସାମାଜିକ ସୁରକ୍ଷା ଲାଗି ମିଳିତ ଭାବେ ଯେତିକି ଅର୍ଥ ଆବଣ୍ଟିତ କରୁଛି ତାଠୁ ଅଧିକ ଯୁଦ୍ଧରେ ଖର୍ଚ୍ଚ କରୁଛି ବୋଲି ‘ଦି କିଭ୍ ଇଣ୍ଡିପେଣ୍ଡେଣ୍ଟ’ରେ ଖବର ପ୍ରକାଶ ପାଇଛି । ୨୦୨୫ ତୁଳାନରେ ୨୦୨୬ ଏବଂ ୨୦୨୭ ବର୍ଷ ଲାଗି ପ୍ରତିରକ୍ଷା ବଜେଟ୍ କମ୍ ରହିଛି । ୨୦୨୬ ଲାଗି ୧୧୪.୯ ବିଲିୟନ୍ ଡଲାର ଏବଂ ୨୦୨୭ ଲାଗି ୧୨୨.୪ ବିଲିୟନ୍ ଡଲାର ଆବଣ୍ଟିତ ହୋଇଛି । ଋଷ ପୂର୍ବରୁ ୟୁକ୍ରେନ୍ ନିଜର ବଜେଟ୍ ନେଇ ଘୋଷଣା କରିଥିଲା । ୟୁକ୍ରେନ ରାଷ୍ଟ୍ରପତି ଭୋଲଦିମିର ଜେଲେନସ୍କି ଦେଶର ସୁରକ୍ଷା ଲାଗି ୫୩ ବିଲିୟନ୍ ଡଲାର ଖର୍ଚ୍ଚ କରିବାକୁ ଘୋଷଣା କରିଛନ୍ତି । ଏହି ଅର୍ଥ ଦେଶର ଜିଡିପିର ୨୬.୩ ପ୍ରତିଶତ ବୋଲି ଜଣାପଡ଼ିଛି । ତେବେ ଫେବୃଆରି ୨୦୨୨ରୁ ଆରମ୍ଭ ହୋଇଥିବା ୟୁକ୍ରେନ ଯୁଦ୍ଧ ଉଭୟ ମସ୍କୋ ଏବଂ କିଭକୁ ପ୍ରଭାବିତ କରିଛି । ଦୁଇ ଦେଶର ସଂପତ୍ତି ଦ୍ରୁତ ଗତିରେ ହ୍ରାସ ପାଇବାରେ ଲାଗିଛି । ଦେଶରେ ମୁଦ୍ରାସ୍ଫିତୀ ସବୁ ରେକର୍ଡ ଭାଙ୍ଗି ଦେଇଛି । ସାଧାରଣ କାର୍ଯ୍ୟ ଲାଗି ଶ୍ରମିକ ଅଭାବ ଏକ ବଡ଼ ସମସ୍ୟା ହୋଇ ଛିଡ଼ା ହୋଇଛି । ସେପଟେ ସ୍ଥିତିକୁ ଆୟତ୍ତ କରିବା ଲାଗି ଋଷର କେନ୍ଦ୍ରୀୟ ବ୍ୟାଙ୍କ ଗତ ଅକ୍ଟୋବରରେ ଇତିହାସରେ ପ୍ରଥମ ଥର ଲାଗି ସୁଧ ହାର ୨୧ ପ୍ରତିଶତକୁ ବୃଦ୍ଧି କରିଛି । ସେପଟେ ଯୁଦ୍ଧରେ ପଛରେ ପଡ଼ିଥିବା ୟୁକ୍ରେନକୁ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ପାଖରୁ ଆର୍ଥିକ ସହାୟତା ମିଳୁଛି । ସୋମାବାର ଜର୍ମାନୀ ଅଧ ବିଲିୟନ୍ ଡଲାରର ସାମରିକ ସହାୟତା ଦେଇଛି । ଆମେରିକା ମଧ୍ୟ ୟୁକ୍ରେନକୁ ସହାୟତା କରିଆସିଛି । ଏବେ ଆମେରିକାରେ ଡୋନାଲ୍ଡ ଟ୍ରମ୍ପଙ୍କ ସରକାର ଆସିବାକୁ ଥିବା ବେଳେ ଆଗକୁ ୱାଶିଂଟନ, କିଭକୁ କେତେ ସହାୟତା କରିବ ତା ଉପରେ ନଜର ରହିବ ।

# ‘ଫେଙ୍ଗଲ’ ପ୍ରଭାବରେ ଭୂସ୍ଖଳନ, ମାଟି ତଳେ ଦବି ରହିଛନ୍ତି ୭ ଜଣ

**ନୂଆଦିଲ୍ଲୀ,୩।୧୨(ଏଜେନ୍ସି):** ତାମିଲନାଡୁର ତିରୁବନ୍ନାମଲଇ ଜିଲ୍ଲାରେ ଭୂସ୍ଖଳନ ହୋଇଛି । ବାତ୍ୟା ଫେଙ୍ଗଲର ପ୍ରଭାରେ ରବିବାର ରାତିରେ ଏହି ଭୂସ୍ଖଳନ ଘଟିଛି । ଫଳରେ ପାହାଡର ତଳିଆ ଅଞ୍ଚଳରେ ଥିବା ଘର ଗୁଡିକ ମାଟି ତଳେ ପୋତି ହୋଇଯାଇଛି । ଏଥିରେ ଦୁଇ ପରିବାରର ୭ ଜଣ ମାଟି ତଳେ ଦବି ରହିଥିବା ଅଶଙ୍କା କରାଯାଉଛି । ସୂଚନା ମୁତବାକ, ବାତ୍ୟା ଫେଙ୍ଗଲ ଯୋଗୁ ଜିଲ୍ଲାରେ ପ୍ରବଳ ବର୍ଷା ଜାରି ରହିଛି । ଫଳରେ ଏହି ଭୂସ୍ଖଳନ ଘଟିଛି ।




ଜିଲ୍ଲା କଲେକ୍ଟର ଡି ଭାସ୍କର ପାଣ୍ଡିଆନ୍ କହିଛନ୍ତି ଯେ ଘର ଭିତରେ ଫସି ରହିଥିବା ଲୋକଙ୍କ ମଧ୍ୟରେ ପାଞ୍ଚ ଜଣ ଶିଶୁ ଅଛନ୍ତି । ତାଙ୍କର କୌଣସି ପତ୍ତା ମିଳିନାହିଁ । ରବିବାର ସନ୍ଧ୍ୟାରେ ତିରୁବନ୍ନାମଲାଇର ଅନ୍ନାମଲାଇୟାର ପାହାଡର ପାଦଦେଶରେ ଅବସ୍ଥିତ ବିଓସି ନାଗରରେ ଏକ ଭୂସ୍ଖଳନ ଘଟି ଅନେକ ଘର କ୍ଷତିଗ୍ରସ୍ତ ହୋଇଛି । ଜିଲ୍ଲା ପ୍ରଶାସନ ତରଫରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ସ୍ଥାନୀୟ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି । ପୁଲିସ, ଏସ୍ଡିଆର୍ଏଫ୍ ଓ ଏନ୍ଡିଆର୍ଏଫ୍ ଟିମ୍ ମାଟି ତଳେ ଦବି ରହିଥିବା ଲୋକଙ୍କୁ ଉଦ୍ଧାର କରିବା ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ଲାଗି ପଡିଛନ୍ତି । କହିରଖୁ ବାତ୍ୟା ଫେଙ୍ଗଲ ପ୍ରଭାବରେ ପୁଡୁଚେରୀରେ ଶନିବାର ଓ ରବିବାର ହୋଇଥିବା ବର୍ଷା ୩୦ ବର୍ଷର ରେକର୍ଡ ଭାଙ୍ଗିଛି । ଶନିବାର ଦିନ ପୁଡୁଚେରୀରେ ପହଞ୍ଚିଥିବା ବାତ୍ୟା ‘ଫାଙ୍ଗାଲ୍’ ରବିବାର ଦୁର୍ବଳ ହୋଇଯାଇଥିଲା । ତେବେ ଏହାର ପ୍ରଭାବରେ ବିଭିନ୍ନ ଅଞ୍ଚଳରେ ପ୍ରବଳ ବର୍ଷା ହେତୁ ସାଧାରଣ ଜନଜୀବନ ବ୍ୟାହତ ହୋଇଛି ।ରାସ୍ତାରେ ବାନ୍ୟା ପରିସ୍ଥିତି ଉପୁଜିଛି। ଫସି ରହିଥିବା ଲୋକଙ୍କୁ ଉଦ୍ଧାର କରିବା ପାଇଁ ସେନା ଆଗକୁ ଆସିଛି ।

# ଇଭିଏମ୍ ହ୍ୟାକ୍ ନେଇ ସାଇବର ଥାନାରେ ନିର୍ବାଚନ ଆୟୋଗଙ୍କ ଅଭିଯୋଗ

ମୁମ୍ବାଇ,୩।୧୨(ଏଜେନ୍ସି): ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ପରାଜୟ ପରେ କଂଗ୍ରେସ ସମେତ କିଛି ବିରୋଧୀ ଦଳ ପୁଣିଥରେ ଇଭିଏମର ବିଶ୍ୱସନୀୟତା ଉପରେ ପ୍ରଶ୍ନ ଉଠାଇଛନ୍ତି। ଅନ୍ୟପଟେ ନିର୍ବାଚନ ଆୟୋଗ ବାରମ୍ବାର ଏଭଳି ଅଭିଯୋଗକୁ ଖଣ୍ଡନ କରିଆସୁଛନ୍ତି। ଏହାରି ଭିତରେ ଇଭିଏମ୍ ହ୍ୟାକ୍ କରିବା ପାଇଁ କିଛି ଲୋକ ଯୋଜନା କରୁଥିବା ଏକ ଭିଡିଓ ସୋଶାଲ ମିଡିଆରେ ଖୁବ ଭାଇରାଲ୍ ହେଉଛି। ଏହାପରେ ମହାରାଷ୍ଟ୍ରର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଅଭିଯୋଗକ୍ରମେ ମୁମ୍ବାଇ ସାଇବର ପୁଲିସ ଏକ ମାମଲା ରୁଜୁ କରିଛି।

ମହାରାଷ୍ଟ୍ର ମୁଖ୍ୟ ନିର୍ବାଚନ ଆୟୋଗଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି ଯେ, ସୋଶାଲ ମିଡିଆରେ ଗୋଟିଏ ଭିଡିଓ ଭାଇରାଲ କରାଯାଉଛି। ଏଥିରେ ଭିଡିଓ କଲରେ କଥା ହେଉଥିବା କିଛି ଲୋକ ମହାରାଷ୍ଟ୍ର ନିର୍ବାଚନରେ ଇଭିଏମ୍ ହ୍ୟାକ୍ କରିଥିବା ଓ ଏଥିରେ ଚଞ୍ଚକତା କରିଥିବା ଦାବି କରୁଛନ୍ତି। ଏନେଇ ମହାରାଷ୍ଟ୍ର ମୁଖ୍ୟ ନିର୍ବାଚନଧିକାରୀଙ୍କ ଅଭିଯୋଗ ପରେ ମୁମ୍ବାଇ ସାଇବର ପୁଲିସ ଏହି ଭିଡିଓରେ ଦେଖାଯାଉଥିବା ବ୍ୟକ୍ତି ବିରୋଧରେ ୩୦ ନଭେମ୍ବର ରାତିରେ ଦକ୍ଷିଣ ମୁମ୍ବାଇ



ସାଇବର ଥାନାରେ ଏକ ମାମଲା ରୁଜୁ କରିଛି।

ନିର୍ବାଚନ ଆୟୋଗଙ୍କ ପକ୍ଷରୁ କୁହାଯାଇଛି ଯେ, ଇଭିଏମକୁ ୱାଇ-ଫାଇ କିମ୍ବା ବ୍ଲୁ-ଟୁଥ୍ ଭଳି କୌଣସି ବାହ୍ୟ ନେଟୱାର୍କ ଦ୍ୱାରା ସଂଯୋଗ କରାଯାଇପାରିବ ନାହିଁ ତେଣୁ ଇଭିଏମରେ ହେରଫେର କରିବାର ପ୍ରଶ୍ନ ହିଁ ଉଠୁନାହିଁ ଅନେକ ସମୟରେ ସୁପ୍ରିମକୋର୍ଟ ମଧ୍ୟ ଇଭିଏମକୁ ବିଶ୍ୱାସଯୋଗ୍ୟ ବୋଲି ଦର୍ଶାଇଛନ୍ତି। ୨୦୧୯ରେ ମଧ୍ୟ ସେହି ବ୍ୟକ୍ତି ବିରୋଧରେ ଏଭଳି ଏକ ଘଟଣାରେ ଏଫଆଇଆର ଦାଖଲ କରାଯାଇଥିଲା। ଅଭିଯୁକ୍ତ ଅନ୍ୟ ଦେଶରେ ଲୁଚି ରହିଛି ଇଭିଏମ୍ ବିଷୟରେ ମିଥ୍ୟା ଦାବି କରୁଥିବା କିମ୍ବା ଭୁଲ ତଥ୍ୟ ପ୍ରଝର କରୁଥିବା ବ୍ୟକ୍ତିଙ୍କ ବିରୋଧରେ କଠୋର ଅପରାଧିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନିର୍ବାଚନ ଆୟୋଗ କହିଛନ୍ତି।

ଭାଇରାଲ୍ ଭିଡିଓରେ ଜଣେ ବ୍ୟକ୍ତି ଭିଡିଓ କଲରେ ବ୍ୟାଖ୍ୟା କରୁଥିବା ଦେଖାଯାଇଛି ଯେ ସେ କିପରି ଇଭିଏମ୍ ହ୍ୟାକ୍ କରିପାରିବେ ଅଭିଯୁକ୍ତ ଜଣଙ୍କ ଏହି ଭିଡିଓରେ କହୁଛି ଯେ ତା ପାଖରେ ମହାରାଷ୍ଟ୍ରରେ ୨୮୮ଟି ଆସନ ମଧ୍ୟରୁ ୨୮୧ ଆସନରେ ବ୍ୟବହୃତ ଇଭିଏମର ଆକ୍ସେସ ରହିଛି। ହେଲେ କିଛି ଆସନରେ ଇଭିଏମ୍ ହ୍ୟାକ୍ କରିବା ସମ୍ଭବ ନୁହେଁ। ୬୩ଟି ଆସନରେ ବିଜୟ ନିଶ୍ଚିତ କରିବାକୁ ସେ ୫୨-୫୩ କୋଟି ଟଙ୍କା ଭିଡିଓରେ ଦାବି କରୁଛି। ଭିଡିଓରେ ଦେଖାଯାଇଥିବା ବ୍ୟକ୍ତି ସୟଦ ଶୁଜା ବୋଲି ଜଣାପଡିଛି।ତା ବିରୋଧରେ ୨୦୧୯ରେ ହୋଇଥିବା ଅଭିଯୋଗରେ ନିର୍ବାଚନ ଆୟୋଗ ଦିଲ୍ଲୀ ପୁଲିସକୁ କହିଥିଲେ ଯେ ଶୁଜା ନିଜକୁ ଇଭିଏମ୍ ଡିଜାଇନ ଦଳର ସଦସ୍ୟ ବୋଲି ଦାବି କରିବା ସହ ଏହାକୁ ହ୍ୟାକ୍ କରିପାରିବ ବୋଲି କହିଥିଲା।

# ପୋଲିସର ଉଦାସୀନତା ନେଇ କେନ୍ଦ୍ରାପଡା ଏସଡିପିଓଙ୍କୁ ଅଭିଯୋଗ

**କେନ୍ଦ୍ରାପଡ଼ା,(ନି.ପ୍ର):** ଏକ ମରଣାନ୍ତକ ଆକ୍ରମଣ ଘଟଣାରେ ପୋଲିସର ଉଦାସୀନତା ନେଇ କେନ୍ଦ୍ରାପଡା ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକଙ୍କ ନିକଟରେ ଅଭିଯୋଗ ହୋଇଛି। ଘଟଣାରୁ ପ୍ରକାଶ ଯେ କେନ୍ଦ୍ରାପଡା ଜିଲ୍ଲାର ତନ୍ତିଆପାଳ ସାମୁଦ୍ରିକ ଥାନା ଅନ୍ତର୍ଗତ ଗୋଗୁଆ ଗ୍ରାମର ପ୍ରଶାନ୍ତ ମହାନ୍ତି କେନ୍ଦ୍ରାପଡା ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଦେବେନ୍ଦ୍ର କୁମାର ମଲ୍ଲିକଙ୍କ ନିକଟରେ ଅଭିଯୋଗ କରିଛନ୍ତି ଯେ ଗତ ୧୦ତାରିଖ ଅପରାହ୍ନ ୨ଟାରେ ପୂର୍ବ ବିବାଦକୁ ନେଇ ସେହି ଗ୍ରାମର କେତେକ ଅସାମାଜିକ ବ୍ୟକ୍ତି ପ୍ରଶାନ୍ତଙ୍କୁ ତାଙ୍କ ଘର ସମ୍ମୁଖରେ ଠେଙ୍ଗାରେ ପିଟିବା ସହ ତାଙ୍କ ଉପରକୁ ଇଟା ଫୋପାଡି ମରଣାନ୍ତକ ଆକ୍ରମଣ କରିଥିଲେ। ପ୍ରଶାନ୍ତଙ୍କୁ ଗୁରୁତର ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଏହି ଆକ୍ରମଣରେ ପ୍ରଶାନ୍ତଙ୍କ ମୁଣ୍ଡ ଫାଟିଯିବା ସହ ବାମହାତଟି ଭାଙ୍ଗି ଯାଇଥିଲା। ତେଣୁ ଏନେଇ ପ୍ରଶାନ୍ତଙ୍କ ଭଉଣୀ ସସ୍ମିତା ମହାନ୍ତି ସେହି ଦିନ ତନ୍ତିଆପାଳ ସାମୁଦ୍ରିକ ଥାନାରେ ଅଭିଯୋଗ କରିଥିଲେ। ସେହି ଅଭିଯୋଗକୁ ଭିତ୍ତିକରି ତନ୍ତିଆପାଳ ସାମୁଦ୍ରିକ ଥାନା ୧୬୦/୨୦୨୪ରେ ଭାରତୀୟ ନ୍ୟାୟ ସଂହିତାର ୧୨୬(୨), ୨୯୬, ୧୧୫(୨), ୩୫୧(୨), ୧୧୭(୨), ୧୨୫, ୧୨୫(କ) ଓ ୩(୫) ଦଫାରେ ମାମଲା ରୁଜୁ କରିଥିଲା। ଡାକ୍ତରଖାନାରେ ଚିକିତ୍ସିତ ହୋଇ ସାମାନ୍ୟ ସୁସ୍ଥ ହେବା ପରେ ମଙ୍ଗଳବାର ପ୍ରଶାନ୍ତ କେନ୍ଦ୍ରାପଡା ଉପଖଣ୍ଡ ଆରକ୍ଷୀ ଅଧୀକାରୀ ଶ୍ରୀ ମଲ୍ଲିକଙ୍କୁ ଭେଟି ଅଭିଯୁକ୍ତ ମାନଙ୍କୁ ପୋଲିସ ଗିରଫ କରୁନଥିବାରୁ ସେମାନେ ପ୍ରଶାନ୍ତଙ୍କ ପରିବାର ପରିଜନଙ୍କୁ ଜୀବନରୁ ମାରି ଶେଷ କରିଦେବାକୁ ଧମକ ଦେଉଥିବା ଅଭିଯୋଗ କରିଥିଲେ। ଏସମ୍ପର୍କରେ ପୂର୍ବରୁ ପ୍ରଶାନ୍ତ ତନ୍ତିଆପାଳ ଥାନା ଅଧିକାରୀଙ୍କୁ ଭେଟି ଜଣାଇବା ସହ ଅଭିଯୁକ୍ତମାନଙ୍କୁ ଗିରଫ କରିବାକୁ ନିବେଦନ କରିଥିଲେ ବି ଥାନାଧିକାରୀ ସେମାନଙ୍କୁ ଗିରଫ କରିବେ ନାହିଁ ବୋଲି ରୋକଠୋକ ମନାକରିଦେଇଥିବା ପ୍ରଶାନ୍ତ ଅଭିଯୋଗ କରିଛନ୍ତି। ଏସମ୍ପର୍କରେ ଥାନା ଅଧିକାରୀ ସଞ୍ଜୟ କୁମାର ଜେନାଙ୍କୁ ଯୋଗାଯୋଗ କରାଯାଇଥିଲେବି ତାହା ସମ୍ଭବ ହୋଇନାହିଁ। କେନ୍ଦ୍ରାପଡା ଉପଖଣ୍ଡ ଆରକ୍ଷୀ ଅଧୀକାରୀ ଶ୍ରୀ ମଲ୍ଲିକଙ୍କୁ ଏସମ୍ପର୍କରେ ପଚାରିବାରେ ସେ କହିଥିଲେ ଯେ ଥାନା ଅଧିକାରୀଙ୍କୁ ଏହି ଘଟଣାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ସୁବର୍ଣ୍ଣ ମାଟି ଚା’ କପର ଶୁଭାରମ୍ଭ

**ସୁବର୍ଣ୍ଣପୁର,(ନି.ପ୍ର):** ସୋନପୁର ମ୍ୟୁନିସିପାଲଟି କୁମ୍ଭାରପଡ଼ା ଠାରେ ମିଶନ ଶକ୍ତି ପକ୍ଷରୁ ଶ୍ରୀ ସମୃଦ୍ଧି ଉତ୍ପାଦକ ଗୋଷ୍ଠୀ ସୋନପୁର ରେ କୁଲହଡ (ମାଟିକପ) ମେସିନର ଶୁଭ ଉଦ୍ଘାଟନ ହୋଇଯାଇଛି। ଜିଲ୍ଲାରେ ପ୍ରଥମ ଥର ପାଇଁ ସ୍ୱୟଂ ସହାୟକ ମହିଳାଙ୍କୁ ସ୍ୱାବଲମ୍ବୀ ତଥା ରୋଜଗାର ଯୋଗାଇବା ଲକ୍ଷ୍ୟରେ ଏହି ମେସିନ ସ୍ଥାପନ କରାଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଅନ୍ୟା ଦାସ ଯୋଗ ଦେଇଥିବା ବେଳେ ଓରମାସର ଡେପୁଟି ସିଇଓ ତଥା ଜିଲ୍ଲା ସଂଯୋଜକ ବିଶ୍ୱଜିତ ପରିଡ଼ା ଓ ମିଶନ ଶକ୍ତି ମହିଳା ମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ହେଉଛି ଏବେ ଯେଉଁ ଜନସାଧାରଣ ବହୁଳ ମାତ୍ରାରେ ପେପର କପରେ ଚା ପିଇବା ଦ୍ୱାରା ସେଥିରୁ ଉତ୍ପନ୍ନ ହେଉଥିବା ମାଇକ୍ରୋ ପ୍ଲାଷ୍ଟିକ ଚାହା ସହ ମିଶି କ୍ୟାନ୍ସର ତଥା ହରମୋହନ ଅସନ୍ତୁଳିତ ହୋଇ ବିଭିନ୍ନ ପ୍ରକାର ରୋଗରେ ଆକ୍ରାନ୍ତ ହେଉଛନ୍ତି। ତେଣୁ ଏହି ପ୍ରକଳ୍ପ ହେବା ଫଳରେ ମାଟି କପରେ ଚା ପିଇବା ପାଇଁ ଜିଲ୍ଲାବାସୀ ସୁଯୋଗ ପାଇବା ସହ ନିରୋଗୀ ରହିବେ। ଏଥିରେ ୩୦ ଜଣ ମହିଳା କାମ କରି ମାଟିକପ ତିଆରି ମେସିନରେ ଘଣ୍ଟାକୁ ୩୦୦ କପ ତିଆରି କରିପାରିବେ। ପ୍ରଥମେ ଏଥିରୁ ପ୍ରତିଦିନ ୧୮୦୦ ପିସ କପ୍ ତିଆରି ହେବାକୁ ଥିବାବେଳେ ଦିନକୁ ୩୬୦୦ ଟଙ୍କା ରୋଜଗାର କରି ମାସକୁ ୧ ଲକ୍ଷ ୮ ହଜାର ପାଇ ପାରିବେ ବୋଲି ସୂଚନା ଦେଇଥିଲେ। ଏହାକୁ ନିଜ ବଜାରରେ ବିକ୍ରୀ କରିବାକୁ ସୁଯୋଗ ସୃଷ୍ଟି କରାଯିବ। ଏହି କାର୍ଯ୍ୟକ୍ରମରେ ସ୍ୱୟଂ ସହାୟକ ଗୋଷ୍ଠୀର ସମସ୍ତ ସଦସ୍ୟା ସହିତ ବ୍ଲକ ସ୍ତରୀୟ ମହାସଂଘ ର ସଭାନେତ୍ରୀ ଓ ସମ୍ପାଦିକା ଉପସ୍ଥିତ ଥିଲେ।

# କେନ୍ଦ୍ରୀୟ ସଂଚାର ବ୍ୟୁରୋ ପକ୍ଷରୁ ‘ମିଶନ ଲାଇଫ୍’ ସମ୍ପର୍କିତ କାର୍ଯ୍ୟକ୍ରମ

**ଭୁବନେଶ୍ୱର, ୩।୧୨ :** ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନସ୍ଥ କେନ୍ଦ୍ରୀୟ ସଂଚାର ବ୍ୟୁରୋ (ସିବିସି) ଭୁବନେଶ୍ୱର ଆଂଚଳିକ କାର୍ଯ୍ୟାଳୟ ପକ୍ଷରୁ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ୍ ସାଇନ୍ସେସ୍, ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ ପରିସରରେ ଗୁରୁବାର ‘ମିଶନ ଲାଇଫ୍’ ସମ୍ପର୍କିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନସ୍ଥ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ଏବଂ ସିବିସିର (ପୂର୍ବାଂଚଳ ଜୋନ୍) ମହାନିର୍ଦ୍ଦେଶକ ଟିଭିକେ ରେଡ୍ଡି ଯୋଗଦେଇ ସବୁଜ ଭବିଷ୍ୟତ ଗଠନରେ କୃଷି ବିଭାଗ ଛାତ୍ରଛାତ୍ରୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଜୀବନଚର୍ଯ୍ୟା ପାଇଁ ପରିବେଶର ଗୁରୁତ୍ୱକୁ ଦେଶର ନାଗରିକମାନଙ୍କ ପାଖରେ ପହଂଚାଇବା ପାଇଁ ଭାରତ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟକ୍ରମର ଆୟୋଜନ କରୁଛନ୍ତି। ଏହାକୁ ଗୁରୁତ୍ୱର ସହ ନେଇ ଏବେଠାରୁ ସଚେତନ ହେବାକୁ ସେ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ପିଆଇବି ଏବଂ ସିବିସି, ଭୁବନେଶ୍ୱରର ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର ଯୋଗଦେଇ କହିଲେ, ସଚେତନତା ମାଧ୍ୟମରେ ଜନସାଧାରଣଙ୍କୁ ପରିବର୍ତ୍ତନଶୀଳ ପରିବେଶ ପ୍ରତି ସଜାଗ କରାଇବା ଏବଂ ଏହାର ନିରାକରଣ ପାଇଁ ଏବେଠାରୁ ପ୍ରଚେଷ୍ଟା ଆରମ୍ଭ କରିବା ପ୍ରଧାନମନ୍ତ୍ରୀଙ୍କ



ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ। ପ୍ଲାଷ୍ଟିକ୍ ବ୍ୟବହାର ହ୍ରାସ ଏବଂ ଅକ୍ଷୟ ଶକ୍ତିର ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ। ସିବିସି, ଭୁବନେଶ୍ୱରର ନିର୍ଦ୍ଦେଶକ ଡ. ଗିରିଶ ଚନ୍ଦ୍ର ଦାସ ଭାରତ ସରକାରଙ୍କ ମିଶନ ଲାଇଫ୍ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି, ଭାରତ ସରକାରଙ୍କ ମିଶନ ଲାଇଫ୍ ଏକ ବିଶ୍ୱସ୍ତରୀୟ କାର୍ଯ୍ୟକ୍ରମରେ ପରିଣତ ହୋଇଛି। ବିଶ୍ୱର ୨୦୦ରୁ ଅଧିକ ରାଷ୍ଟ୍ର ଜଳବାୟୁ ପରିବର୍ତ୍ତନର ସମାଧାନ ଜରୁରୀ ବୋଲି ସ୍ୱୀକାର କରିଛନ୍ତି। ଏହି ପଦକ୍ଷେପ ଆମକୁ ପରିବେଶ ଅବକ୍ଷୟର ବାସ୍ତବତା ପ୍ରତି ସଚେତନ କରାଇବ ବୋଲି କହିଥିଲେ। ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ୍ ସାଇନ୍ସେସ୍‌ର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ ଅନ୍ୟତମ ଅତିଥି ଭାବରେ ଯୋଗଦେଇ ପ୍ଲାଷ୍ଟିକ୍ ଓ ଇ-ବର୍ଜ୍ୟବସ୍ତୁ ମୁକ୍ତ ବିଶ୍ୱ ଗଠନ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ‘ଏକ୍ ପେଡ୍ ମା’ କେ ନାମ୍’ ଅଭିଯାନ ଅଧୀନରେ ଶ୍ରୀ ରେଡ୍ଡି ଏବଂ ପ୍ରଫେସର ନନ୍ଦ କ୍ୟାମ୍ପସ୍ ପରିସରରେ ବୃକ୍ଷ ରୋପଣ କରିଥିଲେ। ସେହିଭଳି ‘ମିଶନ ଲାଇଫ୍’ ବିଷୟବସ୍ତୁ ଉପରେ ପୂର୍ବରୁ ଆୟୋଜିତ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସିବିସିର ପଞ୍ଜୀକୃତ କଳାକାରଙ୍କ ଦ୍ୱାରା ପରିବେଷିତ ସୂଚନାଧର୍ମୀ ସାଂସ୍କୃତିକ କାର୍ଯ୍ୟକ୍ରମ ମୁଖ୍ୟ ଆକର୍ଷଣ ଥିଲା। ଅନ୍ୟମାନଙ୍କ ମଧ୍ୟରେ ସିବିସି ଭୁବନେଶ୍ୱରର ଅତିରିକ୍ତ ନିର୍ଦ୍ଦେଶକ ମହେନ୍ଦ୍ର ପ୍ରସାଦ ଜେନା, ସିବିସି, ଭୁବନେଶ୍ୱରର କ୍ଷେତ୍ର ପ୍ରଚାର ଅଧିକାରୀ ସସ୍ମିତା ପାଇକରାୟ, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ୍ ସାଇନ୍ସେସ୍‌ର ପ୍ରଫେସର ପ୍ରଭାତ କୁମାର ଷଡ଼ଙ୍ଗୀ ଏବଂ ଡ. ଅଂଶୁମାନ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ନ୍ୟୁଜିଲ୍ୟାଣ୍ଡ ଓ ଇଂଲଣ୍ଡକୁ ଦଣ୍ଡିତ କଲା ଆଇସିସି

## ଭାରତକୁ ମିଳିଲା ବଡ଼ ବଳ

ଦୁବାଇ,୩।୧୨(ଏଜେନ୍ସି): ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ ଫାଇନାଲ ଖେଳିବାକୁ ଆଶା ରଖିଥିବା ନ୍ୟୁଜିଲ୍ୟାଣ୍ଡକୁ ବଡ଼ ଝଟକା ଲାଗିଛି। ଇଂଲଣ୍ଡ ବିପକ୍ଷ ଟେଷ୍ଟରେ ଧିମା ଓଭର ରେଟ ପାଇଁ କିୱି ଟିମକୁ ଆଇସିସି ଦଣ୍ଡିତ କରିଛି।

ମ୍ୟାଚ ଫି ସହ ଆଇସିସି ନ୍ୟୁଜିଲ୍ୟାଣ୍ଡର ପଏଣ୍ଟକୁ ମଧ କାଟି ଦେଇଛି। ନ୍ୟୁଜିଲ୍ୟାଣ୍ଡ ୩ ପଏଣ୍ଟ ହରାଇବାରୁ ପଏଣ୍ଟ ଟେବୁଲର ୫ମ ସ୍ଥାନକୁ ଖସି ଯାଇଛି। ଶ୍ରୀଲଙ୍କା ୫୦% ବିଜୟ ପ୍ରତିଶତ ପଏଣ୍ଟ ସହ ୪ର୍ଥକୁ ଉଠିଛି। ନ୍ୟୁଜିଲ୍ୟାଣ୍ଡର ପଏଣ୍ଟ କଟିଥିବାରୁ ଏହା ଭାରତ ପାଇଁ ଭଲ ଖବର। ବର୍ତ୍ତମାନ ୬୧.୧୧ ବିଜୟ ପ୍ରତିଶତ ପଏଣ୍ଟ ସହ ଭାରତ ତାଲିକାର ୧ ନଂରେ ରହିଛି। ୪୭.୯୨ ପଏଣ୍ଟ ପାଇଥିବା ନ୍ୟୁଜିଲ୍ୟାଣ୍ଡ ଚଳିତ ସାଇକେଲରେ ସର୍ବାଧିକ ୫୫.୩୬ ପଏଣ୍ଟ




ପାଇପାରିବ। ଇଂଲଣ୍ଡ ବିପକ୍ଷ ଦୁଇଟି ଯାକ ଟେଷ୍ଟ ଜିତିଲେ ଦଳକୁ ଏପରି ପଏଣ୍ଟ ମିଳିବ। ପ୍ରଥମ ଟେଷ୍ଟକୁ ଇଂଲଣ୍ଡ ୮ ୱିକେଟରେ ଜିତିଥିଲା। ଡବ୍ଲୁଟିସି ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନରେ ଦକ୍ଷିଣ ଆଫ୍ରିକା (୫୯.୨୬), ତୃତୀୟ ସ୍ଥାନରେ ଅଷ୍ଟ୍ରେଲିଆ (୫୭.୨୬) ଓ ୪ର୍ଥ ସ୍ଥାନରେ ଶ୍ରୀଲଙ୍କା(୫୦) ରହିଛି। ଧିମା ଓଭର ରେଟ ପାଇଁ ଇଂଲଣ୍ଡ ମଧ ଦଣ୍ଡିତ ହୋଇଛି। ଆଇସିସିର ଦଳର ୩ ପଏଣ୍ଟ ହ୍ରାସ କରିଛି। ହେଲେ ଇଂଲଣ୍ଡ ଫାଇନାଲ ଦୌଡ଼ରୁ ବାଦ ପଡ଼ିଥିବାରୁ ଦଳ ଉପରେ ପଏଣ୍ଟ ହ୍ରାସର ପ୍ରଭାବ ସେତେଟା ପଡ଼ିବନାହିଁ। କିନ୍ତୁ ନ୍ୟୁଜିଲ୍ୟାଣ୍ଡ ଫାଇନାଲ ଦୌଡ଼ରେ ଥିବାରୁ ପଏଣ୍ଟ ହ୍ରାସ ଦଳକୁ ଶକ୍ତ ଝଟକା ଦେଇଛି।

ଆଇସିସି ପକ୍ଷରୁ କୁହାଯାଇଛି ଯେ ଆସନ୍ତାବର୍ଷ ଲର୍ଡରେ ହେବାକୁ ଥିବା ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିୟଶିପ ଫାଇନାଲରେ ନୂଆ ଟ୍ୱିଷ୍ଟ ଆସିଛି। କାରଣ ଖ୍ରୀଷ୍ଟଚର୍ଚ୍ଚରେ ନ୍ୟୁଜିଲ୍ୟାଣ୍ଡ ଓ ଇଂଲଣ୍ଡ ମଧରେ ଖେଳାଯାଇଥିବା ପ୍ରଥମ ଟେଷ୍ଟରେ ଧିମା ଓଭର ରେଟ ପାଇଁ ଉଭୟ ଟିମ ଦଣ୍ଡିତ ହୋଇଛନ୍ତି। ଉଭୟ ଟିମର ମ୍ୟାଚ୍ ଫି ୧୫% ଲେଖାଏ କଟିଛି। ସେହିପରି ଉଭୟ ଟିମ ଗୁରୁତ୍ୱପୂର୍ଣ୍ଣ ୩ ପଏଣ୍ଟ ଲେଖାଏ ହରାଇଛନ୍ତି ବୋଲି ଆଇସିସି କହିଛି।


## ୟୁଏଇର ଦାବି

ନୂଆଦିଲ୍ଲୀ,୩।୧୨ ଦୀର୍ଘ ଦିନ ଧରି ଚମ୍ପିଆନ୍ସ ଟ୍ରଫି- ୨୦୨୫କୁ ନେଇ ବିବାଦ ଲାଗି ରହିଥିଲା। ଏହା କେଉଁଠି ଖେଳାଯିବ ସେନେଇ କୌଣସି ଅଧିକାରିକ ସୂଚନା ପ୍ରଦାନ କରାଯାଇନଥିଲା। ଏବେ ଏହି ସବୁ କଳ୍ପନାଜଳ୍ପନାର ଅନ୍ତ ହେବାକୁ ଯାଉଛି। ସଂଯୁକ୍ତ ଆରବ ଏମିରେଟ୍ସ ଭାରତ- ପାକିସ୍ତାନ ମଧ୍ୟରେ ହେବାକୁ ଥିବା ଚମ୍ପିଆନ୍ସ ଟ୍ରଫି ଆୟୋଜନ କରିବାକୁ ଦାବି କରିଛି।

ରିପୋର୍ଟରୁ ପ୍ରକାଶ କି ପାକିସ୍ତାନ ହାଇବ୍ରିଡ୍ ମଡେଲ ପାଇଁ ପ୍ରସ୍ତୁତ ଅଛି ଏବଂ ବୋର୍ଡ଼ ସହ କଥାବାର୍ତ୍ତା ଜାରି ରଖିଛି। ଅପରପକ୍ଷରେ ପାକିସ୍ତାନ କ୍ରିକେଟ ବୋର୍ଡ଼ ଆଇସିସି ସମ୍ମୁଖରେ ଦୁଇଟି ସର୍ତ୍ତ ରଖିଛି କି ୨୦୩୧ ପର୍ଯ୍ୟନ୍ତ ଭାରତରେ ଆଇସିସି ଟୁର୍ଣ୍ଣାମେଣ୍ଟ ହାଇବ୍ରିଡ୍ ମଡେଲରେ ହେଉ। ପାକିସ୍ତାନ ଟିମ୍ ଭାରତରେ ମ୍ୟାଚ୍ ଖେଳିବେ ନାହିଁ ଦ୍ୱିତୀୟ ସର୍ତ୍ତ ହେଲା ବର୍ତ୍ତମାନ ପାକିସ୍ତାନ କ୍ରିକେଟ ବୋର୍ଡ଼ଅଧିକ ପାଣ୍ଠି ଦାବି କରୁଛି। ପୂର୍ବରୁ ପିସିସିକୁ ପ୍ରାୟ ୫୫୦ କୋଟି ଟଙ୍କା ଦେଇସାରିଛି।

# ବିବାହ କରିବେ ପିଭି ସିନ୍ଧୁ

ହାଇଦ୍ରାବାଦ,୩।୧୨: ବଧୂ ସାଜିବେ ଭାରତର ଷ୍ଟାର ବ୍ୟାଡମିଣ୍ଟନ୍ ଖେଳାଳି ପିଭି ସିନ୍ଧୁ। ଆସନ୍ତା ଡିସେମ୍ବର ୨୨ ତାରିଖରେ ନେବେ ସାତ ଫେରା। ରାଜସ୍ଥାନର ଉଦୟପୁରେ ହାତକୁ ଦି ହାତ ହେବେ ଏହି ଷ୍ଟାର୍ ଖେଳାଳି।



ପୋସିଡେକ୍ସ ଟେକ୍ନୋଲୋଜିରେ କାର୍ଯ୍ୟକାରୀ ନିର୍ଦ୍ଦେଶକ ରହିଥିବା ଭେଙ୍କଟ ଦତ୍ତ ସାଇଙ୍କ କନିଆଁ ସାଜିବେ ୨୯ ବର୍ଷୀୟ ପିଭି ସିନ୍ଧୁ। ଏଥିପାଇଁ ଆରମ୍ଭ ହୋଇଯାଇଛି ଜୋରସୋରରେ ପ୍ରସ୍ତୁତି। ଡିସେମ୍ବର ୨୦ରୁ ବିବାହର ପ୍ରସ୍ତୁତି ଆରମ୍ଭ ହେବାକୁ ଥିବା ବେଳେ ହାଇଦ୍ରାବାଦରେ ରିସେପ୍ସନ ପାର୍ଟି ଡିସେମ୍ବର ୨୪ ତାରିଖରେ ହେବ।

ଏନେଇ ତାଙ୍କ ବାପା ପିଭି ରମନ୍ନା ଘୋଷଣା କରିଛନ୍ତି। ଉଭୟଙ୍କ ପରିବାର ଦୀର୍ଘ ଦିନ ହେବ ପରସ୍ପରକୁ ଜାଣିଥିବା ବେଳେ ମାସେ ତଳେ ବିବାହ ସମ୍ପର୍କରେ ଆଲୋଚନା ହୋଇଥିବା ରମନ୍ନା ପ୍ରକାଶ କରିଛନ୍ତି। ଏହା ଏକମାତ୍ର ସମ୍ଭାବ୍ୟ ସମୟ ଥିଲା କାରଣ ଜାନୁଆରୀରୁ ତାଙ୍କ (ସିନ୍ଧୁ) କାର୍ଯ୍ୟସୂଚୀ ବହୁତ ବ୍ୟସ୍ତ ରହିବ। ସେଥିପାଇଁ ଉଭୟ ପରିବାର ଡିସେମ୍ବର ୨୨ରେ ବିବାହ ଉତ୍ସବ ଆୟୋଜନ କରିବାକୁ ନିଷ୍ପତ୍ତି ନେଇଥିବା ପିଭି ସିନ୍ଧୁଙ୍କ ବାପା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ଭାରତର ଅନ୍ୟତମ ଶ୍ରେଷ୍ଠ ଆଥଲେଟ ସିନ୍ଧୁ ୫ ଥର ବିଶ୍ୱ ଚାମ୍ପିୟନଶିପ ପଦକ ଜିତିଛନ୍ତି। ୨୦୧୯ ବିଶ୍ୱ ଚାମ୍ପିୟନଶିପରେ ସେ ଏକ ସ୍ୱର୍ଣ୍ଣ ପଦକ ମଧ ଜିତିବାର ଗୌରବ ଅର୍ଜନ କରିଥିଲେ। କମନୱେଲ୍ଥ ଗେମ୍ସରେ ମଧ ସିନ୍ଧୁ ଦୁଇଟି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ତେବେ ପିଭି ସିନ୍ଧୁ କିଛି ସମୟ ପାଇଁ ଖରାପ ଫର୍ମ ସହିତ ସଂଘର୍ଷ କରୁଥିଲେ ଏବଂ ଅଲିମ୍ପିକ୍ସରେ ମଧ ସେ ସେତେଟା କିଛି ଭଲ ପ୍ରଦର୍ଶନ କରିପାରିନଥିଲେ। କିନ୍ତୁ ବର୍ତ୍ତମାନ ସେ ସୟଦ ମୋଦୀ ଆନ୍ତର୍ଜାତୀୟ ଟୁର୍ନାମେଣ୍ଟ ଜିତି ପୁଣି ଥରେ ଫର୍ମକୁ ଫେରିଛନ୍ତି।

# ଦୁବେଙ୍କ ଦମ୍ଦାର ପ୍ରତ୍ୟାବର୍ତ୍ତନ

ହଇଦ୍ରାବାଦ,୨।୧୨: ଜୁଲାଇ ମାସରୁ ଆହତ ସମସ୍ୟା ଯୋଗୁ କ୍ରିକେଟରୁ ଦୂରେଇ ରହିଥିବା ବାମହାତୀ ବ୍ୟାଟର ଶିବମ ଦୁବେ ବେଶ ନାଟକୀୟ ଢଙ୍ଗରେ କମବ୍ୟାକ କରିଛନ୍ତି। ମୁମ୍ବାଇ ପାଇଁ ସେ ସୟଦ ମୁସ୍ତାକ ଅଲୀ ଟ୍ରଫିରେ ନିଜ ପ୍ରତ୍ୟାବର୍ତ୍ତନ ମ୍ୟାଚ୍ ଖେଳି ବିସ୍ଫୋରକ ରୂପ ଦେଖାଇଛନ୍ତି। ଦୁବେ ପ୍ରତିପକ୍ଷ ଟିମର ସବୁ ବୋଲରଙ୍କୁ କଡ଼ା ପ୍ରହାର କରିବା ସହ ୧୯୧ ଷ୍ଟ୍ରାଇକ ରେଟରେ ବ୍ୟାଟିଂ କରିଛନ୍ତି। ସେ ତାଙ୍କ ଇନିଂସରେ ୭ଟି ବିଶାଳ ଛକା ମଧ ମାରିଛନ୍ତି। ହାଇଦ୍ରାବାଦରେ ସର୍ଭିସ ବିପକ୍ଷ ମ୍ୟାଚ୍‌ରେ ମୁମ୍ବାଇ ୬୦/୩ ଥିବା ବେଳେ ଦୁବେ ବ୍ୟାଟିଂ କରିବାକୁ ଆସିଥିଲେ। ଏହି ସମୟରେ କ୍ରିଜରେ ଭାରତର ଟି-୨୦ ଅଧିନାୟକ ସୂର୍ଯ୍ୟ କୁମାର ଯାଦବ ରହିଥିଲେ। ସେ ଏହି ସମୟରେ ୧୫ ରନ କରିଥିଲେ। ଉଭୟ ୧୧ ଓଭରରେ ମୁମ୍ବାଇ ପାଇଁ ୧୩୦ ରନ ଯୋଡ଼ିଦଳକୁ ଦୃଢ଼ ସ୍ଥିତିରେ ପହଞ୍ଚାଇ ଦେଇଥିଲେ। ଦୁବେ ଏହି ଭାଗିଦାରୀରେ ୭୧ ରନ କରିଛନ୍ତି। ସୂର୍ଯ୍ୟ ମଧ ମ୍ୟାଚ୍‌ରେ ୭୦ ରନର ଇନିଂସ ଖେଳିଛନ୍ତି। କିନ୍ତୁ ୩୫ ବଲରେ ଦୁବେ କରିଥିବା ଅପରାଜିତ ୭୧ ରନ ବେଶ ଚିତାକର୍ଷକ ଓ ଆକର୍ଷଣୀୟ ରହିଥିଲା।



## ଭିନ୍ନକ୍ଷମ କ୍ରିକେଟ ମ୍ୟାଚ

ଭବାନୀପାଟଣା,୩।୧୨: କଳାହାଣ୍ଡି ଜିଲ୍ଲା ମ ରାମପୁର ଦୁର୍ଗା ମାଧବ ଉଚ୍ଚବିଦ୍ୟାପୀଠ ଖେଳ ପଡିଆ। ରେ ଭିନ୍ନକ୍ଷମ ମାନଙ୍କ ପକ୍ଷରୁ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ ମ ରାମପୁର ବନାମ ସମ୍ବଲପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ ରେ ମ ରାମପୁର ଭୀମଭୋଇ ଦିବ୍ୟାଙ୍ଗ କଲ୍ୟାଣ ପ୍ରତିଷ୍ଠାନ ୭ ରନ ରେ ବିଜୟୀ ହୋଇଥିଲା ଏହି କ୍ରିକେଟ ମ୍ୟାଚ ରେ ମୁଖ୍ୟ ଅତିଥି ଭାବେ ମ ରାମପୁର ଫରେଷ୍ଟ ରେଞ୍ଜର ଅସିତ ଦାସ, ମୁଖ୍ୟ ବକ୍ତା ପଦ୍ମ ଲୋଚନ ମିଶ୍ର, ସମ୍ମାନିତ ଅତିଥି ହିତେନ୍ଦ୍ର ମହାନ୍ତି, ଯୋଗ ଦେଇଥିଲେ। ଉଦଘୋଷକ ଭାବେ ସୁଶାନ୍ତ ମିଶ୍ର ମ୍ୟାଚ ପରିଚାଳନା କରିଥିଲେ ଏଥି ସହିତ ମିନେଶ ସାହୁ ଓ ସୁଶ୍ରୀ ସାହୁ ପୁରସ୍କାର ବିତରଣ ର ଦାୟିତ୍ୱ ନେଇଥିଲେ। ଭୀମଭୋଇ ଦିବ୍ୟାଙ୍ଗ କଲ୍ୟାଣ ପ୍ରତିଷ୍ଠାନ ସମ୍ପାଦିକା ଝୁନି ପଣ୍ଡା ସହଯୋଗ କରିଥିଲେ।

# ଆଡିଲେଡରେ ଓପନିଂ ଯୋଡ଼ିକୁ ନେଇ ଚର୍ଚ୍ଚା

ଆଡିଲେଡ,୩।୧୨(ଏଜେନ୍ସି): ଭାରତ ଓ ଅଷ୍ଟ୍ରେଲିଆ ମଧରେ ଡିସେମ୍ବର ୬ରେ ଆଡିଲେଡ୍‌ରେ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜର ଦ୍ୱିତୀୟ ମୁକାବିଲା ଖେଳାଯିବ। ଏହି ମ୍ୟାଚ୍ ପିଙ୍କ ବଲ୍ ଏବଂ ଦିବାରାତ୍ର ଖେଳାଯିବ। ଦୁଇ ଦଳ ମୁକାବିଲା ପାଇଁ ଆଡିଲେଡ୍ ପହଞ୍ଚିବା ସହ ଅଭ୍ୟାସ୍ ଆରମ୍ଭ କରି ଦେଇଛନ୍ତି। ଏହି ଟେଷ୍ଟରେ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି ନିୟମିତ ଅଧିନାୟକ ରୋହିତ ଶର୍ମା। ତେବେ ରୋହିତ ଆଡିଲେଡ ଟେଷ୍ଟରେ ଓପନିଂ ନ କରି ପାରନ୍ତି।

ଆଡିଲେଡରେ ଭାରତୀୟ ଦଳର ଅଭ୍ୟାସ୍ ଓ ପ୍ରଧାନମନ୍ତ୍ରୀ ଏକାଦଶ ବିପକ୍ଷ ମ୍ୟାଚ୍‌କୁ ଦେଖିଲେ ସ୍ପଷ୍ଟ ଜଣାପଡୁଛି ଯେ, ଦ୍ୱିତୀୟ ଟେଷ୍ଟରେ ଯଶସ୍ୱୀ ଜୟସ୍ୱାଲ ଓ କେଏଲ ରାହୁଲ ଓପନିଂ କରିବେ। ଏହି ଦୁଇ ବ୍ୟାଟର ପର୍ଥ



ଟେଷ୍ଟରେ ଭାରତୀୟ ବିଜୟର ମୂଳଦୁଆ ପକାଇଥିଲେ। ତେଣୁ ଦ୍ୱିତୀୟ ଟେଷ୍ଟରେ ରୋହିତ ଶର୍ମାଙ୍କୁ ମଧ୍ୟକ୍ରମରେ ବ୍ୟାଟିଂ କରୁଥିବା ଦେଖିବାକୁ ମିଳିପାରେ। ତୃତୀୟ କ୍ରମରେ ଶୁଭମନ ଗିଲ୍ ବ୍ୟାଟିଂ କରିବାକୁ ଓହ୍ଲାଇବେ। ଚାରି ନମ୍ବରରେ ବିରାଟ କୋହଲି ଖେଳିବେ। ଏହା ପରେ ଅଧିନାୟକ ରୋହିତ ଶର୍ମା ନଜର ଆସି ପାରନ୍ତି। ଅର୍ଥାତ ଆଡିଲେଡରେ ହିଟମ୍ୟାନ ପାଞ୍ଚ ନମ୍ବରରେ ବ୍ୟାଟିଂ କରି ପାରନ୍ତି। ଏହା ପରେ ୱିକେଟ୍ କିପର ରଷଭ ପନ୍ତ ବ୍ୟାଟିଂ କରିବେ। ପର୍ଥ ଟେଷ୍ଟରେ ପନ୍ତ କମାଲ କରି ପାରି ନ ଥିଲେ। ମାତ୍ର ଆଡିଲେଡରେ ସେ ନିଜର ଜଲୱା ଦେଖାଇବାକୁ ଚେଷ୍ଟା କରିବେ। ପୁଣି ୱାଶିଂଟନ ସୁନ୍ଦରଙ୍କ ଖେଳିବାର ସମ୍ଭାବନା ରହିଛି। ଏହା ପରେ ନମ୍ବର ୮ରେ ନୀତିଶ କୁମାର ରେଡ୍ଡୀଙ୍କ ଖେଳିବା ନିଶ୍ଚିତ ଲାଗୁଛି। ଏହା ପରେ ଦ୍ରୁତ ବୋଲର ଯଶପ୍ରୀତ ବୁମରା, ମହମ୍ମଦ ସିରାଜ ଓ ହର୍ଷିତ ରାଣା ନଜର ଆସିବେ। ଦ୍ୱିତୀୟ ଟେଷ୍ଟ ପାଇଁ ସମ୍ଭାବିତ ଭାରତୀୟ ଏକାଦଶ– କେଏଲ ରାହୁଲ, ଯଶସ୍ୱୀ ଜୟସ୍ୱାଲ, ଶୁଭମନ ଗିଲ୍, ବିରାଟ କୋହଲି, ରୋହିତ ଶର୍ମା(ଅଧିନାୟକ), ରଷଭ ପନ୍ତ(ୱିକେଟ୍ କିପର), ୱାଶିଂଟନ ସୁନ୍ଦର, ନୀତିଶ କୁମାର ରେଡ୍ଡୀ, ଯଶପ୍ରୀତ ବୁମରା, ମହମ୍ମଦ ସିରାଜ ଓ ହର୍ଷିତ ରାଣା।

# ଆହ୍ୱାନଭରା ହେବ ପିଙ୍କ୍ ବଲ୍ ଟେଷ୍ଟ

ଆଡିଲେଡ୍,୩।୧୨: ବର୍ଡର-ଗାଭାସ୍କର ଟ୍ରଫିରେ ଶୁକ୍ରବାରଠୁ ଆଡିଲେଡ୍‌ରେ ଆରମ୍ଭ ହେବାକୁ ଥିବା ପିଙ୍କ୍ ବଲ୍ ଟେଷ୍ଟ୍ ଉଭୟ ଭାରତ ଓ ଅଷ୍ଟ୍ରେଲିଆ ପାଇଁ ଆହ୍ୱାନପୂର୍ଣ୍ଣ ହେବ। ତଥାପି ଘରୋଇ ଦଳ ପ୍ରଥମ ମ୍ୟାଚ୍‌ରେ ପରାସ୍ତ ହୋଇଥିବାରୁ ଚାପରେ ରହିଛି। ଏଥିସହିତ ପିଙ୍କ୍ ବଲ୍‌ର ଅସ୍ୱାଭାବିକ ବ୍ୟବହାର ମଧ ସମସ୍ତ ଖେଳାଳିଙ୍କୁ ଚିନ୍ତାରେ ପକାଇଛି। ଲାଲ୍ ବଲ୍ ତୁଳନାରେ ପିଙ୍କ୍ ବଲ୍ ଅଧିକ ସୁଇଂ କରିଥାଏ। ତେଣୁ ମ୍ୟାଚ୍ ଦିନ ଭାରତୀୟ ବୋଲିଂ ଆଗରେ ଘରୋଇ ବ୍ୟାଟରଙ୍କୁ ଅଧିକ ସତର୍କ ହୋଇ ଖେଳିବାକୁ ପୂର୍ବତନ ଅଧିନାୟକ ଷ୍ଟିଭ୍ ସ୍ମିଥ୍, ବାମହାତୀ ବ୍ୟାଟର୍ ଟ୍ରାଭିସ୍ ହେଡ୍ ଓ ଅଧିନାୟକ ପାଟ୍ କମିନ୍ସ ପରାମର୍ଶ ଦେଇଛନ୍ତି।

ଯଦିଓ ପିଙ୍କ୍ ବଲ୍ ଟେଷ୍ଟ୍‌ରେ ଅଷ୍ଟ୍ରେଲିଆର ଚମତ୍କାର ରେକର୍ଡ ରହିଛି, କିନ୍ତୁ ଭାରତକୁ ଆଦୌ ହାଲ୍‌କାରେ ନେବାକୁ ଚାହୁଁନାହାନ୍ତି। ଏହି ଖେଳାଳିମାନେ ଏହି ବଲ୍‌ରେ ଅଷ୍ଟ୍ରେଲିଆ ୧୨ ମ୍ୟାଚ୍ ଖେଳିଥିଲା ବେଳେ ୧୧ ମ୍ୟାଚ୍‌ରେ ବିଜୟୀ ହୋଇଛି। ସେହିପରି ଘରୋଇ ପଡ଼ିଆରେ ଅଷ୍ଟ୍ରେଲିଆ ଖେଳିଥିବା ଗତ ୭ ଦିବା-ରାତ୍ର ମ୍ୟାଚ୍‌ରେ ଅପରାଜେୟ ରହିଛି।



ଏକ ସାକ୍ଷାତକାରରେ ସ୍ମିଥ୍‌ଙ୍କ କହିଛନ୍ତି, ଦିନ ହେଉ କି ରାତି, ସବୁବେଳେ ପିଙ୍କ୍ ବଲ୍ ଆହ୍ୱାନପୂର୍ଣ୍ଣ ରହିଥାଏ। ତଥାପି ପ୍ରଥମେ ବ୍ୟାଟିଂ କରିବାକୁ ସୁଯୋଗ ମିଳୁଛି ନା ବୋଲିଂ କରିବାକୁ ପଡ଼ିବ, ତାହା ଉପରେ ସବୁକିଛି ନିର୍ଭର କରିବ। ବଲ୍ ଅସ୍ୱାଭାବିକ ଭାବେ ଗତିଶୀଳ ହେଉଥିବାରୁ ଆମକୁ ଖେଳିବାବେଳେ ଅଧିକ ସତର୍କ ଓ ଧ୍ୟାନର ସହ ଖେଳିବାକୁ ହେବ। ପ୍ରତ୍ୟେକ ବ୍ୟାଟରଙ୍କୁ କୌଣସି ଭିନ୍ନଖେଳ ଖେଳିବା ପରିବର୍ତ୍ତେ, ମୌଳିକତାକୁ ସାଙ୍ଗରେ ନେଇ ଖେଳିଲେ ସଫଳତା ମିଳିପାରିବ। ବଲ୍ ପୁରୁଣା ହୋଇଗଲେ ମ୍ୟାଚ୍‌ର ଗତି ଭିନ୍ନ ମୋଡ଼କୁ ଚାଲିଯାଇପାରେ। ବେଳେବେଳେ ଏହା ଅଧିକ ଶକ୍ତ ହୋଇଯାଏ, ପୁଣି କେତେବେଳେ ନରମ ହୋଇଯାଇଥାଏ। ସର୍ବୋପରି ଏହା ଟେଷ୍ଟ୍ ମ୍ୟାଚ୍ ହୋଇଥିବାରୁ ଆମକୁ ପରିସ୍ଥିତି ଅନୁସାରେ ଖେଳିବାକୁ ହେବ ବୋଲି କମିନ୍ସ ପରାମର୍ଶ ଦେଇଛନ୍ତି।

ପର୍ଥରେ ଭାରତର ବିଜୟ ପରେ ଏବେ ଆଡିଲେଡ୍‌ରେ ପୂର୍ବ ପରାଜୟର ପ୍ରତିଶୋଧ ନେବାର ବେଳ ଆସିଛି। ଆଡିଲେଡ୍‌ରେ ୪ ବର୍ଷ ତଳେ ଭାରତ ୩୬ ରନ୍‌ରେ ଅଲଆଉଟ୍ ହୋଇ ଲଜ୍ଜିତ ହୋଇଥିଲା। ଏବେ ଭାରତୀୟ ଦଳର ମନୋବଳ ବଢ଼ିଥିବାରୁ ଆଡିଲେଡ୍ ବାଧା ପାର୍ କରିବା ଅସମ୍ଭବ ହେବନି। ତଥାପି ଭାରତକୁ ସାମ୍ନା କରିବା ପାଇଁ ଟ୍ରାଭିସ୍ ହେଡ୍ ପ୍ରସ୍ତୁତ ହୋଇଯାଇଛନ୍ତି। ପ୍ରଥମ ମ୍ୟାଚ୍‌ରେ ୮୯ ରନ୍‌ର ପାଳି ଖେଳି ହେଡ୍ ଭାରତୀୟ ବୋଲରଙ୍କ ମୁକାବିଲା କରିଥିଲେ। ପିଙ୍କ୍ ବଲ୍‌ରେ ମଧ ତାଙ୍କର ରେକର୍ଡ ବହୁତ ଭଲ ରହିଛି।

ଏହା ଉପରେ ହେଡ୍ କହିଛନ୍ତି, ପିଚ୍‌ରେ ବ୍ୟାଟିଂ କରିବା ସହଜ ହେବନି। ଉଠା ପିଚ୍‌ରେ ଖେଳିବା ଶୈଳୀକୁ ବଦଳାଇବାକୁ ପଡ଼ିବ ଏହା ମୋତେ ସୁହାଉଛି। ଏହି ପିଚ୍‌ରେ ଅନେକଥର ବ୍ୟାଟିଂ କରିଥିବାରୁ ଗତ କିଛି ବର୍ଷ ହେବ ଭଲ ରନ୍ ବାହାର କରିପାରୁଛି। ଏବର୍ଷ ମଧ ସମାନ ପ୍ରଦର୍ଶନ ଦୋହରାଇବାକୁ ଲକ୍ଷ୍ୟ ଅଛି ବୋଲି ହେଡ୍ କହିଛନ୍ତି।

ସୂଚନାଯୋଗ୍ୟ, ଅଷ୍ଟ୍ରେଲିଆ ପାଇଁ ହେଡ୍ ୮ ପିଙ୍କ୍ ବଲ୍ ମ୍ୟାଚ୍ ଖେଳିଛନ୍ତି, ଯାହାମଧ୍ୟରେ ୨ ଶତକ ଓ ୩ ଅର୍ଦ୍ଧଶତକ ସେ ଅର୍ଜନ କରିଛନ୍ତି।

# ବାଙ୍କୁଆଳ ଓ ଭାଲିଆବାଡି ବିଜୟୀ

ଖୋର୍ଦ୍ଧା,୩।୧୨: ଖୋର୍ଦ୍ଧା ଉପକଣ୍ଠ କୁମାରବସ୍ତ ରାଉଜିଂଷ୍ଟାର କ୍ରିକେଟ୍ କ୍ଲବ ଆନୁକୂଲ୍ୟରେ ଲୋକନାଥ ଦେବ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ କୁମାରାବସ୍ତ ଖେଳପଡିଆ ର ଆଜି ଦଶମ ଦିବସରେ ପ୍ରଥମ ମ୍ୟାଚ୍ ରେ ବାଙ୍କୁଆଳ ଦଳ ଭାଲିଆବାଡି ଦଳ କୁ ୩୨ ରନ୍ ରେ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବାଙ୍କୁଆଳ ଦଳ ପ୍ରଥମେ ବ୍ୟାଟିଂ କରି ୧୫୯ ରନ କରିଥିଲେ। ଦଳ ପକ୍ଷରୁ ଦିଲ୍ଲୀପ ମହାରଣା ୪୭ ରନ୍ ଓ ଗୌତମ ସ୍ୱାଇଁ ୩୪ ରନ୍ କରିଥିଲେ। ଜବାବରେ ଭାଲିଆବାଡି ଦଳ ପ୍ରଶାନ୍ତ ଭୋଇ ୩୧ ରନ୍ ବଲରେ ମାତ୍ର ୧୩ ଅଲ୍ ଆଉଟ୍ ହୋଇ ମାତ୍ର ୧୨୭ ରନ୍ କରିଥିଲେ। ଦ୍ୱିତୀୟ ମ୍ୟାଚ୍ ରେ ଭାଲିଆବାଡି କ୍ରିକେଟ କ୍ଲବ୍ ଦଳ ରାଇଜିଂ ଷ୍ଟାର କୁମାରବସ୍ତ ଦଳକୁ ୫ ରନ୍ ରେ ପରାସ୍ତ କରିଛି। ଭାଲିଆବାଡି ଦଳ ପ୍ରଥମେ ବ୍ୟାଟିଂ କରି ସୌମ୍ୟ ରଂଜନ ଜେନାଙ୍କ ୩୭ ରନ ସହାୟତାରେ ୧୭.୩ ଓଭର ରେ ୧୦ ୱିକେଟ ହରାଇ ୧୪୦ ରନ ସଂଗ୍ରହ କରିଥିଲେ। ଅଜିତ ଦାସ ୩ ଟି ୱିକେଟ୍ ନେଇଥିଲେ। ଜବାବରେ କୁମାରବସ୍ତ ଦଳ ୧୮ ଓଭର ରେ ୭ ଟି କେଟ ହରାଇ ମାତ୍ର ୧୩୫ ରନ୍ ରେ ସୀମିତ ରହିଥିଲେ। ଦଳ



ତରଫରୁ ଶୁଭେନ୍ଦୁ ପ୍ରଧାନ ୪୨ ରନ୍ ଓ ବୀର ଅଭିମନ୍ୟୁ ୩୨ ରନ୍ କରିଥିଲେ।

ଅତିଥି କାଁଜଲ ବଳିୟାର ସିଂହ ପ୍ରଥମ ମ୍ୟାଚ୍ ର ଶ୍ରେଷ୍ଠ ଅଜିତ ଦାସଙ୍କୁ ଏବଂ ଦ୍ୱିତୀୟ ମ୍ୟାଚ୍‌ରେ ଅତିଥି ଅମୀୟ ପ୍ରଧାନ ଶ୍ରେଷ୍ଠ ଖେଳାଳି ଭାବେ ଅଜିତ ଦାସଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଖେଳକୁ ଛବି ନାରାୟଣ ସାହୁ, ସାନୁଜ ବିଶ୍ୱାଳ, ଦୁର୍ଯ୍ୟୋଧନ ପରିଡ଼ା ଓ ସୋଭାକର ପାତ୍ର ପରିଚାଳନା କରିଥିଲେ। ସଂଜୟ ପାଇକରାୟ ଓ ଶ୍ରଧାକର ମ୍ୟାଚ୍ ରେଫରୀ,ସ୍କୋରର ଭାବେ ରଂଜନ ବରାଳ , ଅମ୍ଳାନ ରାଉତରାୟ, ସିବଦତ ବଡ଼ଜେନା ଓ ଜନ୍ମେଜୟ ଛୋଟରାୟ ଥିଲେ ସଂଯୋଜକ ଭାବେ ଅବ୍ୟକ୍ତ ହରିହର ଖାଡଙ୍ଗା ଏବଂ ବନବିହାରୀ ସ୍ୱାଇଁ କାର୍ଯ୍ୟ କରିଥିଲେ। ବୁଧବାର ଦିନ ପ୍ରଥମ ମ୍ୟାଚ୍ ବାଙ୍କୀ ବନାମ ଟାମାଣ୍ଡୋ ଓ ଦ୍ୱିତୀୟ ମ୍ୟାଚ୍ ପି ୱାଇ ସି, ଅଟ୍ରି ବନାମ ମଞ୍ଚେଶ୍ୱର କ୍ରିକେଟ୍ କ୍ଲବ୍ ଭୁବନେଶ୍ୱର ମଧରେ ହେବ ବୋଲି ଗୋପୀନାଥ ମଙ୍ଗରାଜ ଜଣାଇଛନ୍ତି।

# ଲଗାତାର ଶତକ ହାସଲ କରି ଦୃଷ୍ଟି ଆକର୍ଷଣ କଲେ ଉର୍ବିଲ

ନୂଆଦିଲ୍ଲୀ,୩।୧୨: ମାତ୍ର ୬ ଦିନ ଭିତରେ ଟି-୨୦ କ୍ରିକେଟରେ ନିଜର ଦ୍ୱିତୀୟ ଶତକ ହାସଲ କରିଛନ୍ତି ଗୁଜରାଟର ଓପନର ଉର୍ବିଲ ପଟେଲ। ସେ ସୟଦ ମୁସ୍ତାକ ଅଲୀ ଟ୍ରଫିରେ ଉତ୍ତରାଖଣ୍ଡ ବିପକ୍ଷ ମ୍ୟାଚ୍‌ରେ ବିସ୍ଫୋରକ ଶତକ ମାରିଛନ୍ତି। ଉର୍ବିଲ ୩୬ ବଲରେ ଶତକୀୟ ଇନିଂସ ଖେଳିବାରୁ ଗୁଜରାଟ ୧୩.୧ ଓଭରରେ ୮ ୱିକେଟ ପୂର୍ବରୁ ଦମଦାର ବିଜୟ ହାସଲ କରିଛି।



ଉର୍ବିଲ ପଟେଲ ପ୍ରଥମ ବ୍ୟାଟର ଭାବେ ଟି-୨୦ କ୍ରିକେଟରେ ୨ଟି ଶତକ ୪୦ରୁ କମ ବଲରେ ହାସଲ କରି ବିଶ୍ୱ ରେକର୍ଡ କରିଛନ୍ତି। ସପ୍ତାହକ ତଳେ ଉର୍ବିଲ ତ୍ରିପୁରା ବିପକ୍ଷ ସୟଦ ମୁସ୍ତାକ ଅଲୀ ଟ୍ରଫିର ମ୍ୟାଚ୍‌ରେ ରେକର୍ଡ ୨୮ ବଲରେ ଶତକ ହାସଲ କରିଥିଲେ। ଏହାର ୬ ଦିନ ପରେ ସେ ପୁଣି ଗୋଟିଏ ଶତକ ମାରିଛନ୍ତି।

ଉତ୍ତରାଖଣ୍ଡ ବିପକ୍ଷରେ ୧୮୩ ରନର ଟାର୍ଗେଟକୁ ପିଛା କରୁଥିବା ଗୁଜରାଟ ପାଇଁ ଆରମ୍ଭରୁ ଉର୍ବିଲ ବଡ଼ବଡ଼ ଶଟ ଖେଳିଥିଲେ। ସେ ଏକାକୀ ୪୧ ବଲରେ ଅପରାଜିତ ୧୧୫ ରନର ଇନିଂସ ଖେଳିବାରୁ ଗୁଜରାଟ ୧୩.୧ ଓଭରରେ ୨ ୱିକେଟ ହରାଇ ବିଜୟ ଟାର୍ଗେଟକୁ ହାସଲ କରି ନେଇଛି।

ଉର୍ବିଲ ତାଙ୍କ ବିସ୍ଫୋରକ ଇନିଂସରେ ୮ଟି ଚୌକା ଓ ୧୧ଟି ବଡ଼ ଛକା ମାରିଛନ୍ତି ଏହି ଇନିଂସ ବଳରେ ସେ ନିଜ ଦକ୍ଷତାର ପରିଚୟ ମଧ ସମସ୍ତଙ୍କୁ ଦେଇଛନ୍ତି। ତ୍ରିପୁରା ବିପକ୍ଷ ମ୍ୟାଚ୍‌ରେ ଗୁଜରାଟ ୧୫୬ ରନର ଟାର୍ଗେଟକୁ ପିଛା କରୁଥିବା ବେଳେ ଉର୍ବିଲ ୩୫ ବଲରେ ଅପରାଜିତ ୧୧୩ ରନର ଇନିଂସ ଖେଳିଥିଲେ। ଏହି ଇନିଂସରେ ୧୨ଟି ଛକା ଓ ୭ଟି ଚୌକା ମାରିଥିଲେ। ଫଳରେ ଗୁଜରାଟ ୧୦.୨ ଓଭରରେ ଧାର୍ଯ୍ୟ ଟାର୍ଗେଟକୁ ହାସଲ କରି ନେଇଥିଲା।

ଟି-୨୦ରେ କ୍ରିକେଟରେ ୨୮ ବଲରେ ଶତକ ହାସଲ କରିବାରେ ଉର୍ବିଲ ପ୍ରଥମ ଭାରତୀୟ ବ୍ୟାଟର ବନିଥିଲେ। ତାଙ୍କ ଷ୍ଟ୍ରାଇକ ରେଟ ୩୨୨.୮୬ ରହିଥିଲା। ଇଷ୍ଟୋନିଆର ସାହିଲ ଚୌହାନ ୨୭ ବଲରେ ଶତକ ମାରିଥିଲେ ତାଙ୍କ ପରେ ଉର୍ବିଲ ହେଉଛନ୍ତି ଦ୍ୱିତୀୟ ଦ୍ରୁତତମ ବ୍ୟାଟର ଭାବେ ଟି-୨୦ରେ ଶତକ ମାରିଥିଲେ। ୨୦୨୩ ଆଇପିଏଲରେ ଉର୍ବିଲ ଗୁଜରାଟ ଟାଇଟନ୍ସ ସହ ରହିଥିଲେ। ତାଙ୍କୁ ଫ୍ରାଞ୍ଚାଇଜ ୨୦ ଲକ୍ଷ ଟଙ୍କାରେ କିଣିଥିଲା। ତେବେ ମେଗା ଅକ୍ସନ ପୂର୍ବରୁ ତାଙ୍କୁ ଗୁଜରାଟ ରିଲିଜ କରି ଦେଇଥିଲା। ସେ ୩୦ ଲକ୍ଷ ଟଙ୍କାର ବେସ ପ୍ରାଇସ ସହ ମେଗା ଅକ୍ସନରେ ପ୍ରବେଶ କରିଥିଲେ। କିନ୍ତୁ ତାଙ୍କୁ କେହି ବି କିଣିବାକୁ ଆଗ୍ରହ ଦେଖାଇ ନଥିଲେ।

# ନିଲାମ ହେବ ବ୍ରାଡ୍‌ମ୍ୟାନ୍‌ଙ୍କ ଟୋପି

ସିଡ୍‌ନି,୩।୧୨: ଅଷ୍ଟ୍ରେଲିଆ। କିଂବଦନ୍ତି ବ୍ୟାଟର୍ ଡନ୍ ବ୍ରାଡ୍‌ମ୍ୟାନ୍‌ଙ୍କ ବ୍ୟାଗି ଗ୍ରିନ୍ ଟୋପି ସିଡ୍‌ନିରେ ନିଲାମ ହେବାକୁ ଯାଉଛି। ଏହାର ନିଲାମ ମୂଲ୍ୟ ୨୬୦,୦୦୦ ଡଲାର ବା ଭାରତୀୟ ମୁଦ୍ରାରେ ୨କୋଟି ୨୩ ଲକ୍ଷ ଟଙ୍କାରେ ନିଲାମ ହେବାର ସମ୍ଭାବନା ରହିଛି।

ଉଲ୍‌ରେ ନିର୍ମିତ ଏହି ଟୋପିକୁ ବ୍ରାଡ୍‌ମ୍ୟାନ୍ ୧୯୪୭-୪୮ରେ ଅଷ୍ଟ୍ରେଲିଆର ଭାରତ ଗସ୍ତ ବେଳେ ପିନ୍ଧିଥିଲେ। ଭାରତ ସ୍ୱାଧୀନତା ପରେ ଏହା ବିଦେଶୀ ଦଳର ପ୍ରଥମ ଶୃଙ୍ଖଳା ହୋଇଥିଲା। ଏହି ଟେଷ୍ଟ୍




ଶୃଙ୍ଖଳାରେ ବ୍ରାଡ୍‌ମ୍ୟାନ୍ ୬ଟି ପାଳିରେ ୧୭୮.୭୫ ହାର ଏବଂ ୩ ଶତକ ଓ ଗୋଟିଏ ଦ୍ୱିଶତକ ସହ ମୋଟ ୭୧୫ ରନ୍ କରିଥିଲେ। ନିଲାମ ସଂସ୍ଥା ବନହାମ୍ସ ଏହି ଟୋପିକୁ ଏକମାତ୍ର ଜଣାଶୁଣା ବ୍ୟାଗି ଗ୍ରିନ୍ ବୋଲି କହିଛି ସଂପ୍ରତି ଏହି ଟୋପିର ରଙ୍ଗ ଛାଡ଼ିଯାଇଥିଲା ବେଳେ କିଛି ନଷ୍ଟ ମଧ ହୋଇଛି ଏବଂ ଉପର ଅଂଶ ଛିଣ୍ଡିଯାଇଛି ତଥାପି ଏହା ୧୯୫ ହଜାରରୁ ୨୬୦ ହଜାର ଡଲାରରେ ବିକ୍ରି ସମ୍ଭାବନା ରହିଛି ୨୦୨୦ରେ ତାଙ୍କର ଏକ ଟୋପି ୨୯୦ ଡଲାରରେ ବିକ୍ରି ହୋଇଥିଲା। ଏହି ବ୍ୟାଗି ଗ୍ରିନ୍‌କୁ ବ୍ରାଡ୍‌ମ୍ୟାନ୍ ୧୯୨୮ରେ ଟେଷ୍ଟ୍ ପଦାର୍ପଣ ବେଳେ ପିନ୍ଧିଥିଲେ। କ୍ରିକେଟ୍‌ର ମହାନ ବ୍ରାଡ୍‌ମ୍ୟାନ୍‌ଙ୍କ ଟେଷ୍ଟ୍ ବ୍ୟାଟିଂ ହାର ୯୯.୯୪ ରହିଛି।ସେ ୨୦୦୧ରେ ୯୨ ବର୍ଷ ବୟସରେ ମୃତ୍ୟୁବରଣ କରିଥିଲେ।

# ପ୍ରଶଂସକଙ୍କ ୧୦ ବର୍ଷର ଅପେକ୍ଷା ଶେଷ କଲେ ରୋହିତ

ଆଡିଲେଡ,୩।୧୨:ଅଷ୍ଟ୍ରେଲିଆର ଆଡିଲେଡ ଓଭାଲରେ ଖେଳାଯିବାକୁ ଥିବା ବର୍ଡର-ଗାଭାସ୍କର ଟ୍ରଫିର ଦ୍ୱିତୀୟ ଟେଷ୍ଟରେ ଟିମ ଇଣ୍ଡିଆର ଅଧିନାୟକ ଭାବେ ନଜର ଆସିବେ ରୋହିତ ଶର୍ମା ଆଡିଲେଡରେ ଭାରତ ଏବଂ ଅଷ୍ଟ୍ରେଲିଆ। ମଧରେ ପିଙ୍କ୍ ବଲ ଟେଷ୍ଟ ଅନୁଷ୍ଠିତ ହେବ। ଏହି ଟେଷ୍ଟ ପୂର୍ବରୁ ଭାରତୀୟ ରୋହିତ ପ୍ରଶଂସକଙ୍କ ସହ ନଜର ଆସିଥିଲେ। ଏହି ସମୟରେ ହିଟ୍‌ମ୍ୟାଚ୍ ଜଣେ ପ୍ରଶଂସକଙ୍କ ୧୦ ବର୍ଷର ଅପେକ୍ଷାର ଅନ୍ତ ଘଟାଇଥିଲେ।

ବିସିସିଆଇ ସୋସିଆଲ ମିଡିଆ। ମାଧ୍ୟମରେ ଏକ ଭିଡିଓ ଶୟାର କରିଛି। ଭିଡିଓରେ ଏହା ଦେଖିବାକୁ ମିଳେ ଯେ, ରୋହିତ ଶର୍ମା ପ୍ରଶଂସକଙ୍କୁ ଅଟୋଗ୍ରାଫ ଦେଉଛନ୍ତି ପ୍ରଶଂସକ ରୋହିତ ଶର୍ମାଙ୍କଠାରୁ ଅଟୋଗ୍ରାଫ ମାଗୁଥିଲେ। ଜଣେ ପ୍ରଶଂସକ ଗତ ୧୦ ବର୍ଷ ଧରି ହିଟମ୍ୟାନଙ୍କ ଅଟୋଗ୍ରାଫ ପାଇଁ ଅପେକ୍ଷା କରିଥିଲେ। ତାପରେ ଶେଷରେ ପ୍ରଶଂସକଙ୍କ ଅପେକ୍ଷା ସମାପ୍ତ ହେଲା। ବିସିସିଆଇ ଭିଡିଓର କ୍ୟାପସନରେ ଲେଖାଥିଲା, ଏକ ଦଶନ୍ଧିର ଅପେକ୍ଷା ଶେଷରେ ଶେଷ ହୋଇଛି। ଜଣେ ପ୍ରଶଂସକ ରୋହିତ ଶର୍ମାଙ୍କ ଅଟୋଗ୍ରାଫ ପାଇଁ ୧୦ ବର୍ଷ ଅପେକ୍ଷା କରିଥିଲେ ଏବଂ ଗତକାଲି ତାଙ୍କର ଭାଗ୍ୟବାନ ଦିନ ଥିଲା। ପର୍ଥ ଟେଷ୍ଟ ମଝିରେ ରୋହିତ ଶର୍ମା ଅଷ୍ଟ୍ରେଲିଆରେ ପହଞ୍ଚିଥିଲେ। ଭାରତୀୟ ଅଧିନାୟକ ଅଷ୍ଟ୍ରେଲିଆରେ ପାଦ ଦେବା ମାତ୍ରେ ପ୍ରସ୍ତୁତି ଆରମ୍ଭ କରିଥିଲେ। ଦ୍ୱିତୀୟ ମ୍ୟାଚ ପାଇଁ ପ୍ରସ୍ତୁତ ହେବାକୁ ଭାରତୀୟ ଦଳ କାନବେରାଠାରେ ଅଷ୍ଟ୍ରେଲିଆର ପ୍ରଧାନମନ୍ତ୍ରୀ ଏକାଦଶ ବିପକ୍ଷରେ ଦୁଇ ଦିନିଆ। ୱାର୍ମ ଅପ ମ୍ୟାଚ ଖେଳିଥିଲେ। ମ୍ୟାଚର ପ୍ରଥମ ଦିନ ବର୍ଷା ପାଇଁ ଧୋଇ ଯାଇଥିଲା। ତେବେ ଦ୍ୱିତୀୟ ଦିନରେ ୪୬-୪୬ ଓଭରର ଏକ ମ୍ୟାଚ ଖେଳାଯାଇଥିଲା।ଏଥିରେ ଭାରତୀୟ ଅଧିନାୟକ ରୋହିତ ଶର୍ମା ମାତ୍ର ୩ ରନ ସ୍କୋର କରି ଆଉଟ ହୋଇଥିଲେ।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ